୬ ପ୍ରଥମ ଭାରତୀୟ ଭାବେ ଗ୍ରାଣ୍ଡ ଚେସ୍ ଟୁର୍ ଟାଇଟଲ୍ ଜିତିଲେ ପ୍ରଜ୍ଞାନନ୍ଦ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୦୯ ● ୨୯ ଅଗଷ୍ଟ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-209 ● 29th August 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ନୟାଗଡ଼ରୁ ସୁଭଦ୍ରା ପଞ୍ଚମ କିସ୍ତି ପ୍ରଦାନ

# ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟକୁ ଗଲା ୫,୧୬୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

ଭୁବନେଶ୍ୱର, ୨୮ ।୮

ନ୍ୟୁଜ୍ ବ୍ୟୁରୋ




ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇ ଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ କହିଛନ୍ତି ।

ଶୁକ୍ରବାର ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟି ର ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି । ଉପସ୍ଥିତ ସୁଭଦ୍ରା ମା' ଓ ଭଉଣୀ ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ "ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା ।

ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାର ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ।

ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାୟ ୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି, ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ (ପୃଷ୍ଠା ୭ରେ)

## ନେପାଳ ମହାପ୍ରଳୟ

# ସ୍ୱଦେଶ ଫେରିଲେ ୨୧ ଭାରତୀୟ, ଏବେ ବି ୩ ଶହରୁ ଅଧିକ ନିଖୋଜ

ନୂଆଦିଲ୍ଲୀ, ୨୮ ।୮



ନେପାଳ ବନ୍ୟାରେ ହଜାର ହଜାର ସଂଖ୍ୟାରେ ଭାରତୀୟ ଏବେବି ନିଖୋଜ ଥିବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନେପାଳ ବନ୍ୟାରେ ୬୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୪୦୦ରୁ ଅଧିକ ନିଖୋଜ ଅଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ନେପାଳରେ ୨୯୦ ଜଣ ଭାରତୀୟ ନାଗରିକଙ୍କ ସହିତ କୌଣସି ସମ୍ପର୍କ ନାହିଁ। ତ୍ରିଶୁଲି -୧ ପ୍ରକଳ୍ପର ୬୩ ଜଣ ଓ ତାମିଲନାଡୁର ୨୧ ଜଣ ଶ୍ରମିକଙ୍କ ସମେତ ୮୪ ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ମାନସରୋବର ଯାତ୍ରାରେ ଯାଉଥିବା ପ୍ରାୟ ୨୦୦ ଜଣ ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଚାଲିଛି। ନେପାଳରେ ମୋଟ ୫୧୭ ଜଣ ବିଦେଶୀ ପର୍ଯ୍ୟଟକଙ୍କ ସମେତ ୯୧୦ ଜଣଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।ଶୁକ୍ରବାର ନେପାଳରେ ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରୁ ସ୍ଥାନାନ୍ତରିତ ଭାରତୀୟ ପର୍ଯ୍ୟଟକଙ୍କୁ ଭେଟିଛନ୍ତି। ଭାରତୀୟ ଦୂତାବାସର ଜଣେ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣରେ ଇଣ୍ଡିଗୋ ବିମାନ (୬ଇ୧୨୫୪) ଯୋଗେ କାଠମାଣ୍ଡୁ ଛାଡିଥିବା ଭାରତୀୟ ନାଗରିକମାନଙ୍କୁ ବିଦାୟ ଦେବା ପାଇଁ ଶ୍ରୀବାସ୍ତବ (ପୃଷ୍ଠା ୭ରେ)

## ଓଡ଼ିଶାର ୫ ନିଖୋଜଙ୍କୁ ନେଇ ଚିନ୍ତା

ବରଗଡ, ୨୮ ।୮

ନ୍ୟୁଜ୍ ବ୍ୟୁରୋ

ନେପାଳ ମହାପ୍ରଳୟରେ ଆଉ ୩ ଓଡ଼ିଆ ନିଖୋଜ ରହିଥିବାର ସୂଚନା ମିଳିଛି । ବରଗଡ଼ ଜିଲ୍ଲା ଜାମପାଲି ଗାଁର ଗୋଟିଏ ପରିବାରର ମିଳୁନି ପତ୍ତା। ୨୬ ତାରିଖରେ ପ୍ରବଳ ପାହାଡ଼ି ବନ୍ୟା ପରଠୁ ପରିବାର ସହ ଆଉ ଯୋଗାଯୋଗରେ ନାହାନ୍ତି ବରଗଡ଼ ସରଳା ଗାଁର ଜି. ଜୟକ୍ରିଷ୍ଣା। ଜୟକ୍ରିଷ୍ଣାଙ୍କ ସହିତ ତାଙ୍କ ପତ୍ନୀ ସାଇ ବିନ୍ଦୁ କୁମାରୀ ଓ ୨ ବର୍ଷର ଝିଅର ମଧ୍ୟ କୌଣସି ଖୋଜଖବର ମିଳିପାରିନାହିଁ। ଯାହାକୁ ନେଇ ଚିନ୍ତାରେ ପରିବାର ଓ ସମ୍ପର୍କୀୟ। ସରଳା ଗାଁର ଏଇ ଘରେ ରୁହନ୍ତି ଜୟକ୍ରିଷ୍ଣାଙ୍କ ପରିବାର। ପରିବାର କହିଲେ ବୃଦ୍ଧ ବାପା ଆଉ ମାଆ। ସେପଟେ ନେପାଳରେ ଏକ ହାଇଡ୍ରୋ ପାୱାର ପ୍ରୋଜେକ୍ଟରେ କାମ କରୁଥିବା ଜୟକ୍ରିଷ୍ଣା ନିଜ ପତ୍ନୀ ଓ ଝିଅ ସହ ସେଠାରେ ରହି ଆସୁଥିଲେ। ଆଉ ନେପାଳରେ ପ୍ରକୃତିର ଏ ପ୍ରଚଣ୍ଡ ପ୍ରଳୟ ପରେ ଜୟକ୍ରିଷ୍ଣାଙ୍କ ସହ ଯୋଗାଯୋଗ ହୋଇପାରୁନଥିବାରୁ ଏହାକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି ପରିବାର ଓ ପାଖ ପଡୋଶୀ। ସେପଟେ ଏଭଳି ଅସମୟରେ ତାଙ୍କ ପରିବାର ଲୋକଙ୍କ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭାରତୀୟ ବାୟୁସେନା ପରିବହନ ବିମାନରେ ନେପାଳକୁ ୪୭.୫ ଟନ୍ ରିଲିଫ ସାମଗ୍ରୀ ପରିବହନ।
- ବନ୍ୟା କ୍ଷୟକ୍ଷତି ଅନେକ କୋଟି ଡଲାର ହୋଇପାରେ: ନେପାଳର ଅର୍ଥମନ୍ତ୍ରୀ।
- ରାଜୌରୀରେ ପାକିସ୍ତାନୀ ଡ୍ରୋନ ଅନୁପ୍ରବେଶକୁ ଅଟକାଇଲା ସେନା, ଫେରିବାକୁ କଲା ବାଧ୍ୟ।
- ଚୀନର ଚାପ ଯୋଗୁଁ କୌଣସି ଦେଶର କୌଣସି ଉଦ୍ଧାରକାରୀ ଦଳକୁ ନେପାଳ ଯିବାକୁ ଅନୁମତି ଦିଆଯାଉନାହିଁ, ବିଦେଶ ମନ୍ତ୍ରଣାଳୟ ସୂତ୍ରରୁ ଦାବୀ।
- ଚାଇନାର ଚୋଚେନ୍ ଏବଂ ପୁରେପୁ ସାଙ୍ଗପୋ ନଦୀର ସଙ୍ଗମ ନିକଟରେ ଏକ ବଡ଼ ହ୍ରଦ ଫାଟିଲା।
- ପାକିସ୍ତାନର ପେଶାୱାରରେ ୪ ଆତଙ୍କବାଦୀ ନିହତ।
- ତାମିଲନାଡୁରେ ୧୦୦ ଜଣ ଲୋକ ନେପାଳରେ ଫସି ରହିଥିବା ସୂଚନା, ଚାରି ଜଣ ମନ୍ତ୍ରୀଙ୍କୁ ଦିଲ୍ଲୀ ପଠାଇଲେ ମୁଖ୍ୟମନ୍ତ୍ରୀ।

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୬,୧୧୩ (+୪୯) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୭୭୦ (+୪୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୦୮୫ (+୩୭) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (-୫)

# କୃଷକ ସଶକ୍ତିକରଣ ପାଇଁ ୬ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୮ ।୮

ନ୍ୟୁଜ୍ ବ୍ୟୁରୋ




ରାଜ୍ୟର ଚାଷୀମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶୁକ୍ରବାର ୬ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଡିଜିଟାଲ୍ କୃଷି, ଉନ୍ନତ ବିହନ, ଜଳବାୟୁ ସହନଶୀଳତା ଏବଂ ପୋଷଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଡାକ ବିଭାଗ (ଓଡ଼ିଶା ସର୍କଲ), ଇକ୍ରିସାଟ୍ ଏବଂ ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ସହିତ ଏହି ବୁଝାମଣା ପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ସଚିବ ସଚିନ୍ ରାମଚନ୍ଦ୍ର ଯାଦବ, ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ୍ ନିର୍ମଳଜୀତ ସିଂହ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ (ପୃଷ୍ଠା ୭ରେ)

# ନେପାଳ ବନ୍ୟାରେ ୬୦୦ରୁ ଊର୍ଦ୍ଧ୍ୱ ମୃତ, ହଜାର ହଜାର ନିଖୋଜ

କାଠମାଣ୍ଡୁ, ୨୮ ।୮

ନ୍ୟୁଜ୍ ବ୍ୟୁରୋ




ନେପାଳର ରାସୁୱା ଜିଲ୍ଲାର ଭୋଟକୋଶି ନଦୀରେ ବନ୍ୟା ବିପର୍ଯ୍ୟୟ ସୃଷ୍ଟି କରିଛି। ବୁଧବାର ସକାଳେ ତୀବ୍ରତର ବନ୍ୟାରେ ଧ୍ୱଂସପ୍ରାପ୍ତ ହୋଇଥିବା ଭୋଟକୋଶି ବିପୁଳ ମାନବ ସମ୍ପଦକୁ ଗ୍ରାସ କରିଛି। ବର୍ତ୍ତମାନ ସୁଦ୍ଧା ବନ୍ୟା ପ୍ରଭାବିତ ଅଞ୍ଚଳରୁ ୬୦୦ରୁ ଉର୍ଦ୍ଧ୍ୱ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ହଜାରେ ହଜାରେ ଏବେବି ନିଖୋଜ ଅଛନ୍ତି। ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନା ପ୍ରାଧିକରଣ (ଏନଡିଆରଆରଏମଏ) ଏକ୍ସରେ ପ୍ରକାଶିତ ଏକ ନୂତନ ପୋଷ୍ଟ (ଷଷ୍ଠ ରିପୋର୍ଟ) ରେ ଏହି ସୂଚନା ଦେଇଛନ୍ତି।

ଏନ୍‌ଡିଆରଆରଏମ୍‌ଏ କହିଛି ଯେ ଏହି ପରିସଂଖ୍ୟାନ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ଏବଂ ଜାତୀୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରରୁ ମିଳିଥିବା ସୂଚନା ଉପରେ ଆଧାରିତ। ରିପୋର୍ଟ ଅନୁଯାୟୀ, ନିଖୋଜ ହୋଇଥିବା ହଜାରେ ହଜାରେଙ୍କ ମଧ୍ୟରୁ ୨୮ ଜଣ ନେପାଳ ପୋଲିସ କର୍ମଚାରୀ, ୪୫ ଜଣ ନେପାଳ ସେନା କର୍ମଚାରୀ, (ପୃଷ୍ଠା ୭ରେ)

# ଆମେରିକାରୁ ଜାଭେଲିନ୍ କିଣିବ ଭାରତ : ବଢ଼ିବ ପ୍ରତିରକ୍ଷା ଶକ୍ତି

ନୂଆଦିଲ୍ଲୀ, ୨୮ ।୮



ଆମେରିକା ରାଷ୍ଟ୍ରଦୂତ ସାର୍ଜିଓ ଗୋରେ ଶୁକ୍ରବାର ଘୋଷଣା କରିଛନ୍ତି ଯେ ଭାରତ ଆମେରିକାଠାରୁ ଯୁଦ୍ଧ-ପରୀକ୍ଷିତ ଏଫଟିଏମ୍-୧୪୮ ଜାଭେଲିନ୍ ଆଣ୍ଟି-ଟ୍ୟାଙ୍କ କ୍ଷେପଣାସ୍ତ୍ର ପ୍ରଣାଳୀ କିଣିବାକୁ ଯାଉଛି। ସେ ଏହାକୁ ଆମେରିକା-ଭାରତ ପ୍ରତିରକ୍ଷା ସମ୍ପର୍କରେ ଏକ ପ୍ରମୁଖ ଅଗ୍ରଗତି ବୋଲି ବର୍ଣ୍ଣନା କରିଥିଲେ।

ଗୋରେ ଏକ୍ସରେ ଏହି ଘୋଷଣା କରି ଲେଖିଛନ୍ତି, 'ବଡ଼ ଖବର ! ଭାରତ ଯୁଦ୍ଧ-ପରୀକ୍ଷିତ ଜାଭେଲିନ୍ ଆଣ୍ଟି-ଟ୍ୟାଙ୍କ୍ ସିଷ୍ଟମ୍ କିଣିବାକୁ ଯୋଜନା କରିଛି। ଆମେରିକାର ଯୁଦ୍ଧ ସଚିବ ପେଟ୍ ହେଗସେଥ୍ ମେ ୨୦୨୬ରେ ସାଙ୍ଗ୍ରି-ଲା ବାର୍ତ୍ତାଳାପରେ ଦର୍ଶାଇଥିଲେ ଯେ ଏହା ଆମେରିକା-ଭାରତ ପ୍ରତିରକ୍ଷା ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ଏବଂ ସହ-ଉତ୍ପାଦନ ପାଇଁ ସମ୍ଭାବନା ଖୋଲିଛି। ଆମ ଦୁଇ ଦେଶ ମଧ୍ୟରେ ସହଯୋଗ ରେକର୍ଡ ସ୍ତରରେ ରହିଛି।

ଏହି ବିବୃତି ମେ ୨୦୨୬ ସାଙ୍ଗ୍ରି-ଲା ବାର୍ତ୍ତାଳାପରେ ଆମେରିକାର ପ୍ରତିରକ୍ଷା ସଚିବଙ୍କ ବିବୃତିକୁ (ପୃଷ୍ଠା ୭ରେ)




## ଗଞ୍ଜାମର ବିନାୟକ ପଟ୍ଟନାୟକ ଓ ବି. ସୀତାରାମଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୨୮ ।୮

ନ୍ୟୁଜ୍ ବ୍ୟୁରୋ


ଗଞ୍ଜାମ ଜିଲ୍ଲା, କରଣପୁରର ବିନାୟକ ପଟ୍ଟନାୟକ (ପିତା – ନୃସିଂହ ପଟ୍ଟନାୟକ) ଏବଂ ଛତ୍ରପୁର ତହସିଲର ବି. ସୀତାରାମ (ପିତା – ବି. ସୁରେୟା )ଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ସୂଚନା ଦିଆଯାଇଛି।

## ଏକାଳ ପଖାଳ



ନକଲି ଦରବ ଗିଳିଯାଅ ଜନେ
କାହିଁ ଆଉ ଅନ୍ୟବାଟ
ଅସଲି ଦରବେ ଉପର ବାଲାଏ
ଭରୁଥାନ୍ତି ନିଜପେଟ
କିଏ ସେ ମାରିବ ଛାଟ
ବିଗିଡା, ହୁଗୁଳା, ଫୁଙ୍ଗୁଳା ସ୍ଥିତିରେ
ଚାଲିଛି ଦୁର୍ନୀତି ନାଟ।

# ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ଜୀବନଜୀବିକା



ନୂଆଦିଲ୍ଲୀ, ୨୮ ।୮

ଜଳବାୟୁ ପରିବର୍ତ୍ତନ ଦେଶର ବହୁସଂଖ୍ୟକ ଲୋକଙ୍କ ଜୀବନ ଓ ଜୀବିକା ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଛି। 'ମୁଡ୍ ଅଫ୍ ଦି ନେସନ୍' ସର୍ବେକ୍ଷଣରେ ୭୫%ରୁ ଅଧିକ ଉତ୍ତରଦାତା ଜଳବାୟୁ ପରିବର୍ତ୍ତନ ଯୋଗୁଁ ନିଜ ଜୀବନ କିମ୍ବା ଜୀବିକା ପ୍ରଭାବିତ ହୋଇଥିବା କହିଛନ୍ତି।

ସର୍ବେକ୍ଷଣ ଅନୁସାରେ, ୫୨.୭% ଉତ୍ତରଦାତା କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ସେମାନଙ୍କ ଜୀବନ କିମ୍ବା ଜୀବିକା ଉପରେ ଗୁରୁତର ପ୍ରଭାବ ପକାଇଛି। ଅନ୍ୟ ୨୫% ଲୋକ କିଛି ପରିମାଣରେ ପ୍ରଭାବିତ ହୋଇଥିବା ଜଣାଇଛନ୍ତି। ଅର୍ଥାତ୍, ପ୍ରାୟ ପ୍ରତି ୧୦ ଜଣରେ ୮ ଜଣ ଭାରତୀୟ କୌଣସି ନା କୌଣସି ଭାବେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁଭବ କରିଛନ୍ତି। ମାତ୍ର ୮.୬% ଲୋକ ଏହା ସେମାନଙ୍କ ଜୀବନ କିମ୍ବା ଜୀବିକାକୁ ପ୍ରଭାବିତ କରିନଥିବା କହିଥିବାବେଳେ ୧୩.୭% ଏ ସମ୍ପର୍କରେ କୌଣସି ମତ ଦେଇନାହାନ୍ତି କିମ୍ବା ଉତ୍ତର ଜାଣିନଥିଲେ।

ତେବେ ପରିବେଶ ସୁରକ୍ଷା ପାଇଁ ଦେଶରେ ଯଥେଷ୍ଟ ପଦକ୍ଷେପ ନିଆଯାଉଛି କି ନାହିଁ, ସେ ପ୍ରଶ୍ନରେ ମତ ଭିନ୍ନ ରହିଛି। ପ୍ରାୟ ୫୯% ଉତ୍ତରଦାତା ବର୍ତ୍ତମାନ ନିଆଯାଉଥିବା ପଦକ୍ଷେପ ଯଥେଷ୍ଟ ବୋଲି କହିଛନ୍ତି। ଅନ୍ୟପକ୍ଷରେ (ପୃଷ୍ଠା ୭ରେ)

# ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସକ୍ରିୟ : ଆଜି ପୁଣି ଲଘୁଚାପ !

ଭୁବନେଶ୍ୱର, ୨୮ ।୮ : ନ୍ୟୁଜ୍ ବ୍ୟୁରୋ



ପୁଣି ଆସୁଛି ଲଘୁଚାପ। ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଛି ଏକ ଘୂର୍ଣ୍ଣିବଳୟ। ଶନିବାର ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇପାରେ ଲଘୁଚାପ କ୍ଷେତ୍ର। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ୧୯ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ। ସେଥି ମଧ୍ୟରୁ ସୁନ୍ଦରଗଡ, ସମ୍ବଲପୁର, ସୋନପୁର, ଦେବଗଡ, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱରରେ ବଜ୍ରପାତ ସହ ୭ ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ୨୯ ଓ ୩୦ ତାରିଖରେ ପୂରା ରାଜ୍ୟରେ ପ୍ରବଳ ବର୍ଷା ହେବ । ୩୧ ତାରିଖରେ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତର ଜେଟ୍ ପ୍ରକଳ୍ପ ଏଏମସିଏ ପାଇଁ ବିଦେଶରେ ପ୍ରତିଯୋଗିତା

ଭାରତର ବହୁ ପ୍ରତୀକ୍ଷିତ ଫାଇଟର ଜେଟ୍ ପ୍ରକଳ୍ପ AMCA (Advanced Medium Combat Aircraft) ପାଇଁ ଇଞ୍ଜିନ୍ ଯୋଗାଣକୁ ନେଇ ଫ୍ରାନ୍ସ ଓ ବ୍ରିଟେନ୍ ମଧ୍ୟରେ ପ୍ରତିଯୋଗିତା ଜୋରଦାର ହୋଇଛି। ଗୋଟିଏ ପଟେ ବ୍ରିଟେନର ପ୍ରମୁଖ କମ୍ପାନୀ ରଲ୍ସ ରୟସ୍ (Rolls-Royce), ଅନ୍ୟପଟେ ଫ୍ରାନ୍ସର ସାଫ୍ରନ (Safran) ଭାରତ ସହ ଫାଇଟର ଜେଟ୍ ଇଞ୍ଜିନ୍ ବିକଶିତ କରିବାକୁ ଆଗ୍ରହ ଦେଖାଉଛନ୍ତି। ଦୁଇ କମ୍ପାନୀ ହିଁ ଭାରତର 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଗୁରୁତ୍ୱ ଦେଇ ଦେଶରେ ଇଞ୍ଜିନ୍ ନିର୍ମାଣ ସହ ଟେକ୍ନୋଲୋଜି ଟ୍ରାନ୍ସଫର୍ର ପ୍ରସ୍ତାବ ଦେଉଛନ୍ତି। ତେଣୁ ଏବେ ପ୍ରଶ୍ନ ଉଠିଛି, ଏଏମସିଏର ଇଞ୍ଜିନ୍ ରେସରେ କିଏ ବାଜି ମାରିବ? ନିକଟରେ ବ୍ରିଟେନର ରଲ୍ସ ରୟସ୍, ଭାରତର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ସହ ଏଏମସିଏ ପାଇଁ ଇଞ୍ଜିନ୍ ବିକଶିତ ଓ ନିର୍ମାଣ କରିବା ନେଇ ସହଭାଗିତା ଘୋଷଣା କରିଛି। ଅନ୍ୟପଟେ ଫ୍ରାନ୍ସର ସାଫ୍ରନ ପୂର୍ବରୁ ଭାରତର ଗ୍ୟାସ୍ ଟ୍ରିବ୍ୟୁନ ରିସର୍ଚ୍ଚ ଏଷ୍ଟାବ୍ଲିସମେଣ୍ଟ (GTRE) ସହ ମିଶି ପରବର୍ତ୍ତୀ ପିଢ଼ିର ଫାଇଟର ଇଞ୍ଜିନ୍ ବିକଶିତ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି। ଦୁଇ ଦେଶର କମ୍ପାନୀ ପକ୍ଷରୁ ଭାରତକୁ ଟେକ୍ନୋଲୋଜି ଟ୍ରାନ୍ସଫର୍ର ପ୍ରସ୍ତାବ ଦିଆଯାଉଛି। ବ୍ରିଟେନ୍ ପକ୍ଷରୁ ୧୦୦ ପ୍ରତିଶତ ଟେକ୍ନୋଲୋଜି ଟ୍ରାନ୍ସଫର୍ର ଅଫର୍ ଦିଆଯାଉଥିବା ଦାବି କରାଯାଇଛି। ବ୍ରିଟିଶ୍ ପକ୍ଷର ଯୁକ୍ତି ହେଉଛି, ପଞ୍ଚମ ପିଢ଼ିର ଫାଇଟର ଜେଟ୍ ବିକାଶରେ ବ୍ରିଟେନର ଅଭିଜ୍ଞତା ରହିଛି। ଫ୍ରାନ୍ସ ପାଖରେ ନିଜସ୍ୱ ପଞ୍ଚମ ପିଢ଼ିର ଫାଇଟର ଜେଟ୍ ନଥିବା ମଧ୍ୟ ବ୍ରିଟିଶ୍ କମ୍ପାନୀ ଯୁକ୍ତି ଦର୍ଶାଇଛି। ତେବେ ସାଫ୍ରନ୍ ମଧ୍ୟ ଭାରତ ପାଇଁ ନୂଆ ନୁହେଁ। ଏହି କମ୍ପାନୀର ଇଞ୍ଜିନ୍ ଭାରତୀୟ ବାୟୁସେନାର କିଛି ଫାଇଟର ଜେଟରେ ପୂର୍ବରୁ ବ୍ୟବହୃତ ହେଉଛି। ତେଣୁ ଭାରତ ସହ ଏହାର ପୂର୍ବ ଅଭିଜ୍ଞତା ମଧ୍ୟ ଏକ ବଡ଼ ପ୍ଲସ୍ ପଏଣ୍ଟ ହୋଇପାରେ। ଫ୍ରାନ୍ସର ସାଫ୍ରନ ସହ ଭାରତର ଫାଇଟର ଜେଟ୍ ଇଞ୍ଜିନକୁ ନେଇ ଆଲୋଚନା ପୂର୍ବରୁ ଚାଲିଆସୁଛି। ଗତବର୍ଷ ଏକ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଭାରତରେ ଫାଇଟର ଜେଟ୍ ଇଞ୍ଜିନ୍ ନିର୍ମାଣ ଦିଗରେ ସାଫ୍ରନ ସହ କାମ କରିବା ବିଷୟରେ କହିଥିଲେ। ତେବେ ଏହି ଆଲୋଚନା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ଚୁକ୍ତିର ରୂପ ନେଇନଥିବା ବେଳେ ରଲ୍ସ ରୟସ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଛି। ଏଏମସିଏ (AMCA) ଅର୍ଥାତ୍ Advanced Medium Combat Aircraft ହେଉଛି ଭାରତରେ ବିକଶିତ ହେଉଥିବା ଏକ ଟ୍ୱିନ୍-ଇଞ୍ଜିନ୍, ଷ୍ଟେଲ୍ଥ ଓ ମଲ୍ଟିରୋଲ୍ ଫାଇଟର ଜେଟ୍। ଏହାର ଲକ୍ଷ୍ୟ ହେଉଛି ଭାରତକୁ ସେହି ଦେଶଗୁଡ଼ିକର ତାଲିକାରେ ସାମିଲ କରିବା, ଯେଉଁମାନେ ଅତ୍ୟାଧୁନିକ ଷ୍ଟେଲ୍ଥ କମ୍ବାଟ୍ ଏୟାରକ୍ରାଫ୍ଟ ନିଜ ଦେଶରେ ଡିଜାଇନ୍ ଓ ବିକଶିତ କରିପାରନ୍ତି। ଏଏମସିଏକୁ ଭାରତର ପ୍ରଥମ ପଞ୍ଚମ ପିଢ଼ିର ଫାଇଟର ଜେଟ୍ ପ୍ରକଳ୍ପ ଭାବେ ଦେଖାଯାଉଛି। ବର୍ତ୍ତମାନ ଭାରତୀୟ ବାୟୁସେନା ପାଖରେ ମୁଖ୍ୟତଃ ଚତୁର୍ଥ ଓ ୪.୫ ପିଢ଼ିର ଯୁଦ୍ଧବିମାନ ରହିଛି। ଭାରତ ଦଶନ୍ଧି ଧରି ଫାଇଟର ଜେଟ୍ ଇଞ୍ଜିନ୍ ପାଇଁ ବିଦେଶୀ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ ରହିଛି। ସ୍ୱଦେଶୀ କାବେରୀ ଇଞ୍ଜିନ୍ ପ୍ରୋଗ୍ରାମ୍ ଆଶା ଅନୁସାରେ ସଫଳ ନହେବା ପରେ ଭାରତ ବିଦେଶୀ କମ୍ପାନୀ ସହ ମିଳିତ ଭାବେ ପରବର୍ତ୍ତୀ ପିଢ଼ିର ଇଞ୍ଜିନ୍ ବିକଶିତ କରିବା ଦିଗରେ ଆଗକୁ ବଢ଼ୁଛି। ଏବେ ଭାରତର ଲକ୍ଷ୍ୟ କେବଳ 'ମେକ୍ ଇନ୍ ଇଣ୍ଡିଆ' ନୁହେଁ, ବରଂ ଏହାଠାରୁ ଆଗକୁ ବଢ଼ି 'ଡିଜାଇନ ଇନ୍ ଇଣ୍ଡିଆ' ଓ 'ଡେଭଲପ ଇନ୍ ଇଣ୍ଡିଆ' ଉପରେ ଜୋର ଦିଆଯାଉଛି। ଏଏମସିଏର ଇଞ୍ଜିନ୍ କିଏ ଯୋଗାଇବ, ଏହା କେବଳ ଏକ ବାଣିଜ୍ୟିକ ନିଷ୍ପତ୍ତି ନୁହେଁ। ଏହା ଭାରତର ପ୍ରତିରକ୍ଷା ଆତ୍ମନିର୍ଭରତା ଓ ରଣନୈତିକ ସ୍ୱାଧୀନତା ସହ ଜଡ଼ିତ। ତେଣୁ ଅସଲ ପ୍ରତିଯୋଗିତା କେବଳ ଫ୍ରାନ୍ସ ବନାମ ବ୍ରିଟେନ୍ ନୁହେଁ। ଭାରତକୁ କିଏ ଅଧିକ ଟେକ୍ନୋଲୋଜି, ଦକ୍ଷତା ଓ ଭବିଷ୍ୟତରେ ନିଜସ୍ୱ ଇଞ୍ଜିନ୍ ବିକାଶ କରିବାର କ୍ଷମତା ଦେଇପାରିବ, ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ଧନ

ଶ୍ରଦ୍ଧେୟ ଭକ୍ତବୃନ୍ଦ ପ୍ରକୃତ ଧନ ହେଉଛି ଆତ୍ମଜ୍ଞାନ,ଆତ୍ମାକୁ ବୁଝିବା,ଆତ୍ମାକୁ ଜାଣିବା,ଆତ୍ମାର ଗତିକୁ ବୁଝିବା ଏହାହିଁ ଭକ୍ତର ପ୍ରକୃତ ଧନ,ବିନା ଧନରେ(ଟଙ୍କା ପଇସା)ନଥାଇ ଯେଉଁ ଭକ୍ତ ଆତ୍ମଜ୍ଞାନ ପ୍ରାପ୍ତ କରିଥାଏ ଏ ପୃଥିବୀର ଯେ କୌଣସି ସ୍ଥାନକୁ ଅନାୟାସରେ ଯାଇପାରିବେ ଏବଂ ସକଳ ସ୍ଥାନରୁ ତାକୁ ଖାଦ୍ୟ,ପେୟ,ବସ୍ତ୍ର,ଧନ,ରହିବା ପାଇଁ ସ୍ଥାନ ସବୁ ମିଳିପାରିବ । ତେଣୁ ବସ୍ତୁବାଦ ଜଗତକୁ ଲକ୍ଷ୍ୟ ଦେଇ ଯେ କୋଠା, ବାଡ଼ି,ଧନ,ସମ୍ପଦରେ ଅନ୍ଧ ହୋଇଥାଏ ସେ ଏହି ବିଶାଳ ପୃଥିବୀରେ ଯେତେ ଟଙ୍କା ରୋଜଗାର କଲେ ବି ତାକୁ ଅଣ୍ଟିବ ନାହିଁ । କି ତା ମନରେ ଶାନ୍ତି ମିଳିପାରିବ ନାହିଁ ସେ ସବୁବେଳେ ମାୟାରୂପକ ଜାଲରେ ଆପେ ଆପେ ଛନ୍ଦି ହୋଇ ଯାଉଥିବ । ଏହାହିଁ ସତ୍ୟ,ଏହାହିଁ ସରଳତା,ପ୍ରକୃତରେ ସରଳତା ହିଁ ଚତୁରତାର ଚାବିକାଠି। ଏହି ସରଳ ମାର୍ଗରେ ଯିବାପାଇଁ ଆମକୁ ସତର୍କତାର କୌଶଳ ତାକୁ ଅବଲମ୍ବନ କରିବାକୁ ପଡିଥାଏ । ଭାଗବତରେ ଅଛି ସରଳ ମନେ କଲେ ଧ୍ୟାନ ନିଶ୍ଚେ ଭେଟିବେ ଭଗବାନ । ହରି ଓଁ ।

# ପ୍ରଶାସନରେ ସତ୍ୟନିଷ୍ଠାର ସନ୍ଧାନ



ସୌମ୍ୟ ରଞ୍ଜନ ଦାଶ
ଅଧ୍ୟାପକ
ବିରଜା ଆଇନ ମହାବିଦ୍ୟାଳୟ
ଯାଜପୁର
ମୋ : ୮୮୯୫୯୫୨୩୧୫

ଭାରତୀୟ ସମାଜ ବ୍ୟବସ୍ଥାରେ ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ବରଂ ଏହା ସାମାଜିକ ପ୍ରତିଷ୍ଠା, ସୁରକ୍ଷା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଜନସେବାର ଏକ ସର୍ବୋଚ୍ଚ ମାଧ୍ୟମ ଭାବେ ପରିଗଣିତ ହୋଇଆସିଛି। ଜଣେ ସରକାରୀ କର୍ମଚାରୀ କେବଳ ରାଜକୋଷରୁ ବେତନ ପାଉଥିବା ଜଣେ ବ୍ୟକ୍ତି ନୁହନ୍ତି, ବରଂ ସେ ହେଉଛନ୍ତି ସାର୍ବଭୌମ ସରକାର ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଥିବା ସବୁଠାରୁ ଦୃଢ଼ ସେତୁ। ଜଣେ କିରାଣୀଙ୍କ ଠାରୁ ଆରମ୍ଭ କରି ରାଜସ୍ୱ କର୍ମଚାରୀ, ପଞ୍ଚାୟତ ସମ୍ପାଦକ, ତହସିଲ ଅଫିସର, ଆରକ୍ଷୀ ବାହିନୀର ଜବାନ କିମ୍ବା ବିଦ୍ୟାଳୟର ଶିକ୍ଷକ—ଏହିପରି ପ୍ରତ୍ୟେକଟି ପଦବୀରେ ବସିଥିବା ବ୍ୟକ୍ତିଙ୍କ ନିଷ୍ପତ୍ତି ଉପରେ ସମାଜର ସବୁଠାରୁ ଗରିବ ଏବଂ ଅସହାୟ ଶ୍ରେଣୀର ଭାଗ୍ୟ ନିର୍ଭର କରିଥାଏ। କିନ୍ତୁ ବର୍ତ୍ତମାନର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ବଡ଼ ଦୁଃଖଦ ଚିତ୍ର ସାମ୍ନାକୁ ଆସୁଛି, ଯେଉଁଠି ସାଧାରଣ ଜନମାନସରେ ଏହି ଧାରଣା ଦୃଢ଼ୀଭୂତ ହେବାରେ ଲାଗିଛି ଯେ ବିନା ଅର୍ଥ କାରବାରରେ ପ୍ରଶାସନିକ ସ୍ତରରେ କୌଣସି ଫାଇଲ୍ ଆଗକୁ ବଢ଼ିବା ସମ୍ଭବ ନୁହେଁ। ଏହି ପ୍ରବାଦ ବା ଧାରଣା ଶତପ୍ରତିଶତ ସତ୍ୟ ନହେଲେ ମଧ୍ୟ, ଜନସାଧାରଣଙ୍କ ମନରେ ଏଭଳି ଏକ ବାତାବରଣ ସୃଷ୍ଟି ହେବା ନିଜେ ଆମର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସୁଶାସନର ପ୍ରତିଶ୍ରୁତି ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଦେଇଛି। ଆମ ଦେଶରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆଇନର କୌଣସି ଅଭାବ ନାହିଁ। ଦୁର୍ନୀତି ନିବାରଣ ଆଇନ ରହିଛି, ସ୍ୱତନ୍ତ୍ର ଭିଜିଲାନ୍ସ ବିଭାଗ କାର୍ଯ୍ୟ କରୁଛି ଏବଂ ବିଭାଗୀୟ ସ୍ତରରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ପ୍ରାବଧାନ ମଧ୍ୟ ରହିଛି। ପ୍ରତିବର୍ଷ ଗଣମାଧ୍ୟମର ଶିରୋନାମାରେ ଅନେକ ସରକାରୀ ବାବୁ ଓ କର୍ମଚାରୀ ଲାଞ୍ଚ ନେବା ବେଳେ ରଙ୍ଗେହାତ ଧରାପଡ଼ିବାର ଏବଂ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ ହେବାର ଚିତ୍ର ଆମେ ଦେଖୁଛୁ। ତଥାପି ଏକ ଗମ୍ଭୀର ପ୍ରଶ୍ନ ମନକୁ ଆନ୍ଦୋଳିତ କରେ ଯେ, ଏତେ ସବୁ କଠୋର ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ସମାଜରୁ କାହିଁକି ଦୁର୍ନୀତିର ସାମ୍ରାଜ୍ୟ ସଙ୍କୁଚିତ ହେଉନାହିଁ? କାହିଁକି ଜଣେ ଗରିବ ବ୍ୟକ୍ତି ନିଜର ନ୍ୟାର୍ଯ୍ୟ ଅଧିକାର ଯେପରିକି ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜମିର ମ୍ୟୁଟେସନ, ବାର୍ଦ୍ଧକ୍ୟ ପେନସନ କିମ୍ବା ସାଧାରଣ ପାସପୋର୍ଟ ଭେରିଫିକେସନ ପାଇଁ ସରକାରୀ ଦପ୍ତରରୁ ଦପ୍ତର ଘୂରି ବୁଲିବାକୁ ବାଧ୍ୟ ହେଉଛି? ଏହି ସମସ୍ୟାର ସମାଧାନ କେବଳ ଆଇନକୁ ଅଧିକ କଠୋର କରିବାରେ ନାହିଁ, ବରଂ ଏହାର ଗଭୀର ଚେର ଆମର ନିଯୁକ୍ତି ପ୍ରକ୍ରିୟା ଏବଂ ଚୟନ ବ୍ୟବସ୍ଥାର ଅପୂର୍ଣ୍ଣତା ମଧ୍ୟରେ ଲୁଚି ରହିଛି, ଯାହାକୁ ଆମେ ସାଧାରଣତଃ ଏଡ଼ାଇ ଯାଇଥାଉ। ବର୍ତ୍ତମାନର ସରକାରୀ ନିଯୁକ୍ତି ପରୀକ୍ଷାଗୁଡ଼ିକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଏଠାରେ କେବଳ ଆବେଦନକାରୀଙ୍କ ଗଣିତ, ସାଧାରଣ ଜ୍ଞାନ, ତର୍କଶକ୍ତି ଏବଂ ଭାଷା ଜ୍ଞାନ ଭଳି ବୌଦ୍ଧିକ ଦକ୍ଷତାକୁ ହିଁ ମାପଦଣ୍ଡ କରାଯାଇଛି। ନିଶ୍ଚିତ ଭାବରେ ଜଣେ ପ୍ରଶାସକ କିମ୍ବା କର୍ମଚାରୀ କାର୍ଯ୍ୟକ୍ଷମ ହେବା ପାଇଁ ଏହିସବୁ ବୌଦ୍ଧିକ ଯୋଗ୍ୟତା ଅପରିହାର୍ଯ୍ୟ। ମାତ୍ର ଦୁର୍ଭାଗ୍ୟର ବିଷୟ ହେଉଛି, ଏହି ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରଣାଳୀରେ ଜଣେ ପ୍ରାର୍ଥୀଙ୍କର ସତ୍ୟନିଷ୍ଠା, ସାମାଜିକ ସମ୍ବେଦନଶୀଳତା, ନୈତିକତା ଏବଂ ମାନବ ସେବା ପ୍ରତି ଥିବା ଦୃଷ୍ଟିଭଙ୍ଗୀକୁ ପରଖିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହାର ପରିଣାମ ସ୍ୱରୂପ, ଜଣେ ପ୍ରାର୍ଥୀ ପରୀକ୍ଷା ଖାତାରେ ସର୍ବୋଚ୍ଚ ନମ୍ବର ରଖି ଅତ୍ୟନ୍ତ ମେଧାବୀ ପ୍ରମାଣିତ ହୋଇପାରନ୍ତି, କିନ୍ତୁ ବାସ୍ତବ ଜୀବନରେ ସେ ଜନସେବା ପ୍ରତି ସମ୍ପୂର୍ଣ୍ଣ ରୂପେ ଉଦାସୀନ କିମ୍ବା ଆତ୍ମକେନ୍ଦ୍ରିକ ହୋଇଥାଇପାରନ୍ତି। ଯେତେବେଳେ କେବଳ ଶୁଷ୍କ ବୌଦ୍ଧିକ ଜ୍ଞାନକୁ ଆଧାର କରି ନିଯୁକ୍ତି ଦିଆଯାଏ, ସେତେବେଳେ ପ୍ରଶାସନିକ ବ୍ୟବସ୍ଥାରେ ସେବା ମନୋଭାବ ଗୌଣ ହୋଇଯାଏ ଏବଂ ବ୍ୟକ୍ତିଗତ ସ୍ୱାର୍ଥପରତା ମୁଣ୍ଡ ଟେକେ। ସରକାରୀ ଚାକିରି କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ନୁହେଁ, ଯେଉଁଠି କେବଳ ଲାଭ ଓ କ୍ଷତିର ହିସାବ କରାଯିବ; ଏହା ହେଉଛି ଏକ ପବିତ୍ର ଜନସେବାର ବ୍ରତ। ଯେଉଁ କର୍ମଚାରୀ ଜନସାଧାରଣଙ୍କ ସହ ପ୍ରତ୍ୟେକ ଦିନ ପ୍ରତ୍ୟକ୍ଷ ଭାବେ କାରବାର କରିବେ, ତାଙ୍କ ପାଇଁ କେବଳ ପାଠ୍ୟପୁସ୍ତକର ଜ୍ଞାନ କିମ୍ବା କମ୍ପ୍ୟୁଟର ଚଳାଇବାର ଦକ୍ଷତା ଯଥେଷ୍ଟ ନୁହେଁ। ତାଙ୍କ ହୃଦୟରେ ଥିବା ସାଧାରଣ ଜନତା ପ୍ରତି ସହାନୁଭୂତି, ସମାଜର ବଞ୍ଚିତ ଶ୍ରେଣୀ ପ୍ରତି ଦୟାଭାବ ଏବଂ ଅନ୍ତରରେ ଅଟଳ ସତ୍ୟନିଷ୍ଠା ରହିବା ଆବଶ୍ୟକ। ଯଦି ଜଣେ ପ୍ରାର୍ଥୀ ଚାକିରି ପାଇବା ଦିନଠାରୁ ହିଁ ନିଜ ପଦବୀକୁ ଜନସେବାର ମାଧ୍ୟମ ନଭାବି, ନିଜର ଆର୍ଥିକ ସମୃଦ୍ଧି ଏବଂ ଅତିରିକ୍ତ ଆୟର ଏକ ଉତ୍ସ ଭାବେ ଦେଖିବାକୁ ଆରମ୍ଭ କରନ୍ତି, ତେବେ ସରକାର ଯେତେ ଶକ୍ତ ନିୟମ ପ୍ରଣୟନ କଲେ ମଧ୍ୟ ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବା ସମ୍ଭବ ହେବ ନାହିଁ। ଚରିତ୍ରହୀନ ମେଧା ସମାଜ ପାଇଁ ଅଧିକ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ, କାରଣ ଏକ ଚତୁର ମସ୍ତିଷ୍କ ଆଇନର ଗଳାବାଟ ଦେଇ ଦୁର୍ନୀତି କରିବାର କ୍ଷମତା ରଖିଥାଏ। ଏହି ପରିପ୍ରେକ୍ଷୀରେ, ବର୍ତ୍ତମାନ ସମୟ ଆସିଛି ଯେ ଆମକୁ ଆମର ପାରମ୍ପରିକ ନିଯୁକ୍ତି ବ୍ୟବସ୍ଥାରେ ଏକ ବ୍ୟାପକ ଆମୂଳଚୂଳ ସଂସ୍କାର ଆଣିବାକୁ ପଡ଼ିବ। ଯେଉଁସବୁ ପଦବୀରେ ସିଧାସଳଖ ଭାବେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ପଡ଼ିଥାଏ, ସେହିସବୁ କ୍ଷେତ୍ରରେ ଚୟନ ପ୍ରକ୍ରିୟା ସମୟରେ ଏକ ସ୍ୱତନ୍ତ୍ର 'ନୈତିକତା ଓ ବ୍ୟବହାରିକ ମୂଲ୍ୟାଙ୍କନ' ପ୍ରଣାଳୀ ପ୍ରତିଷ୍ଠା କରାଯିବା ଉଚିତ। କେବଳ ଆପରାଧିକ ମାମଲା ଯାଞ୍ଚ ପାଇଁ କରାଯାଉଥିବା ପୋଲିସ ଭେରିଫିକେସନ ଆଦୌ ଯଥେଷ୍ଟ ନୁହେଁ, କାରଣ ଜଣେ ବ୍ୟକ୍ତି ଆଇନ ଦୃଷ୍ଟିରେ ଅପରାଧୀ ହୋଇନଥାଇ ପାରନ୍ତି, କିନ୍ତୁ ନୈତିକ ଦୃଷ୍ଟିରୁ ସେ ସମ୍ପୂର୍ଣ୍ଣ ଭ୍ରଷ୍ଟ ହୋଇପାରନ୍ତି। ପ୍ରାର୍ଥୀଙ୍କର ବ୍ୟକ୍ତିତ୍ୱ, ଜନକଲ୍ୟାଣ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ଏବଂ ଜଟିଳ ପରିସ୍ଥିତିରେ ନ୍ୟାୟିକ ତଥା ନୈତିକ ନିଷ୍ପତ୍ତି ନେବାର କ୍ଷମତାକୁ ପରଖାଯିବା ଉଚିତ। ପୃଥିବୀର ଅନେକ ବିକଶିତ ଦେଶର ପ୍ରଶାସନିକ ସେବାରେ ପ୍ରାର୍ଥୀ ଚୟନ ସମୟରେ 'ସିଚୁଏସନାଲ୍ ଜଜମେଣ୍ଟ ଟେଷ୍ଟ' ଏବଂ 'ଏଥିକ୍ସ ଆସେସମେଣ୍ଟ' ଭଳି ମନୋବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରାଯାଉଛି, ଯାହା ଦ୍ୱାରା କେବଳ ଉପଯୁକ୍ତ ମାନସିକତା ଥିବା ବ୍ୟକ୍ତି ହିଁ ପ୍ରଶାସନ ଭିତରକୁ ପ୍ରବେଶ କରିପାରୁଛନ୍ତି। କେବଳ ନିଯୁକ୍ତି ସମୟରେ ପରୀକ୍ଷା କରିବା ଯଥେଷ୍ଟ ନୁହେଁ, ବରଂ ଚାକିରି ଜୀବନ ମଧ୍ୟରେ ମଧ୍ୟ ନିୟମିତ ବ୍ୟବଧାନରେ ନୈତିକତା ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରଶିକ୍ଷଣ ପ୍ରଦାନ କରାଯିବା ଆବଶ୍ୟକ। ବାସ୍ତବତା ହେଉଛି, ପ୍ରତ୍ୟେକ ବ୍ୟକ୍ତି ଚାକିରିର ପ୍ରଥମ ଦିନରୁ ହିଁ ମନ୍ଦ ଉଦ୍ଦେଶ୍ୟ ରଖି ନଥାନ୍ତି। ଅନେକ ସମୟରେ କାର୍ଯ୍ୟାଳୟର ପ୍ରଦୂଷିତ ପରିବେଶ, ବ୍ୟବସ୍ଥାରେ ଥିବା ପୁରୁଣା ପ୍ରଥା, ରାଜନୈତିକ ଚାପ ଏବଂ ଜବାବଦେହିତାର ଅଭାବ ଜଣେ ସଚ୍ଚୋଟ କର୍ମଚାରୀଙ୍କୁ ମଧ୍ୟ ଭୁଲ୍ ପଥ ଆପଣାଇବାକୁ ବାଧ୍ୟ କରିଥାଏ। ତେଣୁ ସରକାରୀ ସ୍ତରରେ ଏକ ସୁସ୍ଥ, ସ୍ୱଚ୍ଛ ଏବଂ ଭୟମୁକ୍ତ ପ୍ରଶାସନିକ ସଂସ୍କୃତି ଗଢ଼ିତୋଳିବା ସମାନ ଭାବରେ ଜରୁରୀ, ଯେଉଁଠାରେ ସାଧୁତାକୁ ପୁରସ୍କୃତ ଏବଂ ଅସାଧୁତାକୁ ତତ୍କାଳ ଦଣ୍ଡିତ କରାଯିବାର ପରମ୍ପରା ସୃଷ୍ଟି ହେବ। ଏହା ସହିତ ଏକଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ସମସ୍ତ ସରକାରୀ କର୍ମଚାରୀ ଦୁର୍ନୀତିଗ୍ରସ୍ତ ନୁହନ୍ତି। ଆଜି ମଧ୍ୟ ଆମ ପ୍ରଶାସନରେ ଏଭଳି ଅନେକ ନିଷ୍ପାପର, ସଚ୍ଚୋଟ ଏବଂ କର୍ତ୍ତବ୍ୟପରାୟଣ ଅଧିକାରୀ ଓ କର୍ମଚାରୀ ଅଛନ୍ତି, ଯେଉଁମାନେ କୌଣସି ପ୍ରଲୋଭନର ବଶବର୍ତ୍ତୀ ନହୋଇ ଦିନରାତି ଜନସେବାରେ ନିଜକୁ ନିୟୋଜିତ କରିଛନ୍ତି। ସେହିଭଳି କିଛି ସଂଖ୍ୟାଲଘୁ ସାଧୁ କର୍ମଚାରୀଙ୍କ ପାଇଁ ହିଁ ଆଜି ସମାଜରେ ସରକାରୀ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କର ବିଶ୍ୱାସ ଟିକକ ବଞ୍ଚି ରହିଛି। ମାତ୍ର ଦୁଃଖର ବିଷୟ ହେଉଛି, ମୁଷ୍ଟିମେୟ ଅସାଧୁ ଏବଂ ସ୍ୱାର୍ଥପର କର୍ମଚାରୀଙ୍କ କଳାକାରନାମା ଯୋଗୁଁ ସମଗ୍ର ସରକାରୀ ବ୍ୟବସ୍ଥାର ଚେହେରା ମଳିନ ପଡ଼ିଯାଉଛି ଏବଂ ସାଧାରଣ ଜନତା ସମସ୍ତଙ୍କୁ ଏକା ଦୃଷ୍ଟିରେ ଦେଖିବାକୁ ବାଧ୍ୟ ହେଉଛନ୍ତି। ଶେଷରେ, ସମାଜ ଓ ପ୍ରଶାସନରୁ ଭ୍ରଷ୍ଟାଚାର ଦୂର କରିବାର ପ୍ରକୃତ ସମାଧାନ କେବଳ ନୂଆ ନୂଆ ଆଇନ ବା ନିୟମ ପୁସ୍ତକ ପ୍ରଣୟନ କରିବାରେ ନାହିଁ, ବରଂ ଏହାର ପ୍ରକୃତ ସମାଧାନ ରହିଛି ବ୍ୟବସ୍ଥା ପାଇଁ ସଠିକ୍ ଚରିତ୍ରର ମଣିଷ ଚୟନ କରିବାରେ। ଯେପର୍ଯ୍ୟନ୍ତ ଆମର ନିଯୁକ୍ତି ପ୍ରକ୍ରିୟାରେ ପ୍ରାର୍ଥୀଙ୍କର ଚରିତ୍ର, ନୈତିକ ମୂଲ୍ୟବୋଧ ଏବଂ ଜନସେବା ମନୋଭାବକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ନାହିଁ, ସେପର୍ଯ୍ୟନ୍ତ କେବଳ ଗଣିତର ସୂତ୍ର ଏବଂ ସାଧାରଣ ଜ୍ଞାନର ପରିସୀମା ଭିତରେ ଏକ ଆଦର୍ଶ ଓ କଲ୍ୟାଣକାରୀ ରାଷ୍ଟ୍ର ଗଠନ କରିବା ଏକ ସ୍ୱପ୍ନ ହୋଇ ରହିଯିବ। ସରକାରୀ ସେବାରେ ପ୍ରବେଶ ପାଇଁ ପ୍ରଥମ ଏବଂ ଅପରିହାର୍ଯ୍ୟ ଯୋଗ୍ୟତା ମେଧା ହେବା ସହିତ ସତ୍ୟନିଷ୍ଠା ମଧ୍ୟ ହେବା ଉଚିତ। କାରଣ କେବଳ ଜ୍ଞାନ ଜଣେ ମଣିଷକୁ ଚତୁର ଓ ଦକ୍ଷ କରିପାରେ, କିନ୍ତୁ ଏକ ନିର୍ମଳ ଏବଂ ମାନବୀୟ ଚରିତ୍ର ହିଁ ତାଙ୍କୁ ସମାଜର ପ୍ରକୃତ ସେବକ ତଥା ଜନନାୟକ ଭାବେ ଗଢ଼ିତୋଳିବାରେ ସମର୍ଥ ହୋଇଥାଏ।

# 'ଶତାବ୍ଦୀର ଶ୍ରେଷ୍ଠ ଫୁଲ'--ସଚ୍ଚି ରାଉତରାୟ'



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

**ଭଗବାନ ଅଛ କାହିଁ**
**ଆକାଶ ପବନ ଗର୍ଜି ମୋ କାନେ**
**କହିଯାଏ ନାହିଁ ନାହିଁ,**
**ଯଦି ମୁଁ ପୋଛେ ଆଜି ବେନି ଆଖି**
**ତହିଁ ଦେଖେ ଝାଲି ଦାନ, ନିରିମାଖି**
**ଅନ୍ନ ବିହୁନେ ମଣିଷ ଆତ୍ମା**
**କହୁଅଛି ହାଏ, ହାଏ**
**ଭଗବାନ ଅଛ କାହିଁ ?**

ଭଗବାନଙ୍କୁ ଏଭଳି ପ୍ରଶ୍ନ ପଚାରିପାରୁଥିବା ବ୍ୟକ୍ତି ଜଣକ ହେଲେ ସଚ୍ଚିଦାନନ୍ଦ ରାଉତରାୟ। ସଚ୍ଚି ରାଉତରାୟ ହେଉଛନ୍ତି ସେହି ଆକାଶଛୁଆଁ ଶିଖରରେ ପରିଚିତ କବି, ଯାହାଙ୍କ ନିକଟରେ ଧୂସର ଧରଣୀ, ଗୋଲାପ, କମଳ ଅପେକ୍ଷା ସବୁଜ କ୍ଷେତ, ପ୍ରେମିକାର ସ୍ୱପ୍ନ ଅପେକ୍ଷା ଧାନବୁଣାର ଆକୁଳ ଚିତ୍କାର ତାଙ୍କ ମନକୁ ଆନ୍ଦୋଳିତ କରିଥିଲା।

ପ୍ରାରମ୍ଭିକ ଜୀବନ ଓ ଶିକ୍ଷା:--

୧୯୧୬ ମସିହା ମେ ୧୩ ତାରିଖରେ ଖୋର୍ଦ୍ଧା ନିକଟବର୍ତ୍ତୀ ଗୁରୁଜଙ୍ଗ ଗ୍ରାମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଆ କବି, ସ୍ୱାଧୀନତା ସଂଗ୍ରାମୀ ତଥା ଜ୍ଞାନପୀଠ ବିଜେତା ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ଜନ୍ମଗ୍ରହଣ କରିଥିଲେ। ଆଧୁନିକ ଓଡ଼ିଆ କବିତାର ପ୍ରବାଦପୁରୁଷ ସଚ୍ଚିଦାନନ୍ଦ ରାଉତରାୟ ଖୋର୍ଦ୍ଧା ହାଇସ୍କୁଲ (ବର୍ତ୍ତମାନର ବ୍ରଜନାଥ ହାଇସ୍କୁଲ)ରେ ଅଧ୍ୟୟନ କରିଥିଲେ। ଏହି ସମୟରେ ସେ ଜାତୀୟ ମୁକ୍ତି ସଂଗ୍ରାମରେ ଯୋଗଦେବା ଫଳରେ ହାଇସ୍କୁଲରୁ ତାଙ୍କୁ ବହିଷ୍କୃତ ହେବାକୁ ପଡ଼ିଥିଲା। ପରେ ପରେ ସେ କଲିକତା ବ୍ରାହ୍ମ ସମାଜ ସ୍କୁଲରୁ ମାଟ୍ରିକୁଲେସନ୍ ପାସ୍ କଲେ। ୧୯୩୯ ମସିହାରେ ସି.ଟି. କଲେଜରୁ ଆଇ.ଏ. ଏବଂ ୧୯୪୩ ମସିହାରେ ବି.ଏ. ପଢ଼ିବା ନିମନ୍ତେ ସେ କଲିକତାରୁ କଟକ ରେଭେନ୍ସା କଲେଜକୁ ଫେରିଥିଲେ।

ଏହି ରେଭେନ୍ସା କଲେଜରେ ଅଧ୍ୟୟନ କରିବା ବେଳେ ସଚ୍ଚିଦାନନ୍ଦ ରାଉତରାୟ, ଚିନ୍ତାମଣି ମିଶ୍ର, ଦିନେଶ ମିଶ୍ର, ନାଥମନି ରାଉତରାୟ, ମନମୋହନ ମିଶ୍ର ମିଶି 'ଛାତ୍ର' ନାମରେ ଏକ ଭିନ୍ନଧର୍ମୀ ପତ୍ରିକା ପ୍ରକାଶ କରିଥିଲେ ଏବଂ ଏହାର ସମ୍ପାଦକ ଥିଲେ ନିଜେ ସଚ୍ଚି ରାଉତରାୟ। ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନକାରୀ ସଚ୍ଚିଦାନନ୍ଦଙ୍କୁ ମଧ୍ୟ ଜେଲ ଯିବାକୁ ପଡ଼ିଥିଲା। ରେଭେନ୍ସା କଲେଜରୁ ୧୯୩୯ ମସିହାରେ ସ୍ନାତକ ଡିଗ୍ରୀ ହାସଲ ପରେ କଲିକତାର କେଶୋରାମ କଟନ ମିଲରେ ଶ୍ରମକଲ୍ୟାଣ ଅଧିକାରୀ ରୂପେ ଦୀର୍ଘଦିନ କାର୍ଯ୍ୟ କରିଥିଲେ।

୧୯୭୦ ମସିହାରେ ସେ ଚାକିରିରୁ ଅବସର ନେଇ ଓଡ଼ିଶାକୁ ଆସି ଏକ ଶିଳ୍ପସଂସ୍ଥା ସ୍ଥାପନ କରିଥିଲେ ହେଁ, ଏ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିପାରିନଥିଲେ। ଶ୍ରୀ ରାଉତରାୟ ପୂର୍ବରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଆଇ.ଆର.ଓ. ଫେଲୋଶିପ୍ ନେଇ ସେ ୧୯୫୪ ରେ ଜେନେଭାଠାରେ ଆଇ.ଏଲ.ଓ. ରେ କାର୍ଯ୍ୟ କରିଥିଲେ। ସାହିତ୍ୟିକ ସୃଷ୍ଟି ଓ କୃତି:--

ମାତ୍ର ୧୨ ବର୍ଷ ବୟସରେ ରାଉତରାୟଙ୍କ ପ୍ରଥମ କବିତା ସଂକଳନ 'ପାଥେୟ' ୧୯୨୮ ମସିହା ଓଡ଼ିଶା ଭାଗରେ, ଅର୍ଥାତ୍ ୧୯୩୨ ମସିହାରେ ପ୍ରକାଶ ପାଇଥିଲା। ଏହା ସମ୍ପର୍କରେ ସେ କହନ୍ତି - 'ପାଥେୟ' ରେ ମୁଁ ସ୍ୱପ୍ନ ଦେଖୁଥିଲି (Humanist) ମାନବବାଦୀ ଭାବରେ।'

ତାଙ୍କର ଉଲ୍ଲେଖଯୋଗ୍ୟ ସାହିତ୍ୟକୃତି ଗୁଡ଼ିକ ହେଲା:

କବିତା ସଂକଳନ:- 'ବାଜିରାଉତ', 'ପାଥେୟ', 'ପଲ୍ଲୀଶ୍ରୀ', 'ରାହୁମତାର ଦେଶ', 'କବିତା-୧୯୫୧', 'କବିତା-୧୯୫୭', 'କବିତା-୧୯୬୨', 'କବିତା-୧୯୬୪', 'ପୂର୍ଣ୍ଣମା', 'ରକ୍ତଶିଖା', 'ହସନ୍ତ', 'ତାଜ', 'ଛାଇ', 'ନୂତନଗ୍ରହ', 'ମାଟିର ତାଜ', 'ଶାନ୍'

ଅନ୍ୟାନ୍ୟ ଗ୍ରନ୍ଥ: 'ମଶାଣିର ଫୁଲ', 'ମାଟିର ତାଜ', 'ଛାଇ', 'ନୂତନଗ୍ରହ', 'ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ସଂକଳନ'

ଉପନ୍ୟାସ: 'ଚିତ୍ରଗ୍ରୀବ' ସାହିତ୍ୟ ଚିନ୍ତନ:-- 'ସାହିତ୍ୟର ମୂଲ୍ୟବୋଧ', 'ଆଧୁନିକ ସାହିତ୍ୟର କେତୋଟି ଦିଗ'

ସଚ୍ଚି ରାଉତରାୟ ୧୯୭୨ରେ ପଦ୍ମଶ୍ରୀ ଓ କବିତା ୧୯୬୨ ପାଇଁ ୧୯୬୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ୧୯୮୬ ରେ ଜ୍ଞାନପୀଠ ପୁରସ୍କାର, ୧୯୭୪ ରେ ସୋଭିଏତ ଲ୍ୟାଣ୍ଡ ନେହେରୁ ପୁରସ୍କାର, ୧୯୮୩ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତଭାରତୀ ପୁରସ୍କାର, ୧୯୮୮ରେ ବିଷୁବ ମିଳନର ଉତ୍କଳରତ୍ନ ପୁରସ୍କାର, ସେହି ବର୍ଷ ହିଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ 'ଡକ୍ଟରେଟ୍' ଉପାଧି, ସେହି ୧୯୮୮ରେ ଶ୍ରେଷ୍ଠ ଜ୍ଞାନପୀଠ ପୁରସ୍କାର ପାଇଥିଲେ। ୧୯୭୦ରେ କଲିକତାଠାରେ ଆୟୋଜିତ ପ୍ରଥମ ସର୍ବଭାରତୀୟ କବି ସମ୍ମିଳନୀରେ ସେ ସଭାପତିତ୍ୱ କରିଥିଲେ।

ପ୍ରଜାମଣ୍ଡଳ ଆନ୍ଦୋଳନ ଓ 'ବାଜିରାଉତ'

୧୯୩୭ ରୁ ୧୯୨୧ ପର୍ଯ୍ୟନ୍ତ ସାହିତ୍ୟ ଏକାଡେମୀର ସଭାପତି ଥିଲେ। ଶ୍ରୀ ରାଉତରାୟ ତରୁଣ ବୟସରେ ବାମପନ୍ଥୀ ଆନ୍ଦୋଳନର ସକ୍ରିୟ ଭାବରେ ଜଡ଼ିତ ହୋଇପଡ଼ିଥିଲେ। ତେଣୁ ପ୍ରାଥମିକ ଅବସ୍ଥାରେ ତାଙ୍କର କେତେକ ଆଦ୍ୟ ସାହିତ୍ୟକୃତିରେ ଏହି ବାମପନ୍ଥୀ ଚିନ୍ତାଧାରାର ସ୍ୱଷ୍ଟତା ଦେଖିବାକୁ ମିଳେ। ଶ୍ରୀ ରାଉତରାୟ 'ଦିଗନ୍ତ' ନାମରେ ଏକ ପତ୍ରିକା ମଧ୍ୟ ସମ୍ପାଦନା କରିଥିଲେ।

ବାମପନ୍ଥୀ ଆନ୍ଦୋଳନରେ ଜଡ଼ିତ ଥିବା ସମୟରେ ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କବି ଆନନ୍ଦପଟ୍ଟନାୟକଙ୍କ ସହ ମିଶି 'ରକ୍ତଶିଖା' ଶୀର୍ଷକ ଏକ କବିତା ସଂକଳନ ପ୍ରକାଶ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ କବି ମନମୋହନ ମିଶ୍ର, ଅନନ୍ତ ପଟ୍ଟନାୟକ ଓ ସଚ୍ଚିରାଉତରାୟଙ୍କ ସମେତ କେତେକ ବାମପନ୍ଥୀ କବିଙ୍କ କବିତାକୁ ନେଇ 'ରକ୍ତଶିଖା' ଓ '୧୦ ଭାଗ ରୋକା ବନ୍ଦୀ' ଶୀର୍ଷକ କବିତା ସଂକଳନ ପ୍ରକାଶ କରିଥିଲେ। ୧୯୩୮ ରେ ସରକାର 'ରକ୍ତଶିଖା'କୁ ନିଷିଦ୍ଧ କରିଥିଲେ ଏବଂ ୧୯୪୩ ରେ '୧୦ ଭାଗ ରୋକା ବନ୍ଦୀ' କୁ ମଧ୍ୟ ନିଷିଦ୍ଧ କରିଥିଲେ।

ମାତ୍ର ୧୨ ବର୍ଷର ବାଳକଟିଏ। ହୋଇଗଲା ସାରା ଭାରତରେ କନିଷ୍ଠତମ ଶହୀଦ। ଏହି ଢେଙ୍କାନାଳର ବାଳକଟିକୁ ଯଦି କେହି ଲୋକଲୋଚନକୁ ଆଣିଥାନ୍ତି, ତେବେ ସେ ଜଣକ ନିଶ୍ଚୟ ସଚ୍ଚିରାଉତରାୟ ହେବେ। ଢେଙ୍କାନାଳ ଆନ୍ଦୋଳନରେ ବ୍ରାହ୍ମଣୀ ନଦୀକୂଳରେ ବ୍ରିଟିଶ୍ ପୁଲିସ ଗୁଳିରେ ବାଜିରାଉତ ଓ ଅନ୍ୟ ଯେଉଁ ପାଞ୍ଚଜଣଙ୍କୁ ହତ୍ୟା କରାଯାଇଥିଲା, ସେମାନଙ୍କ ଶବକୁ କଟକ ଆଣି ଷ୍ଟେସନଠାରୁ ଗୋଟିଏ ଗୋଟିଏ ଶୋଭାଯାତ୍ରାରେ ନେଇ ଖାନନଗର ମଶାଣିରେ ଗୋଟିଏ ଚୁଲିରେ ଦାହକରାଯାଇଥିଲା। ଶବଦାହ ଗୁଡ଼ିକର ଚିତାଗ୍ନି ଆଗରେ ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ବୈଷ୍ଣବ ପଟ୍ଟନାୟକ ଆଦି। ସେଇ ସ୍ଥଳେ ସଚ୍ଚି ରାଉତରାୟଙ୍କ ଶିରାପ୍ରଶିରାରେ ସାରସ୍ୱତ ବାଣୀଟି ସଂଚାରିତ ହୋଇଥିଲା-

'ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଜାତି ତିମିର ତଳେ ଏ ଅଲିଭା ମୁକ୍ତି ସଳିତା
ନୁହେଁ ଏହା ଜଳିଯିବା ପାଇଁ
ଏହାର, ଜନ୍ମ ଏଥି ଜାଳିପୋଡ଼ି ଦବାକୁ ଧରାଏ
ଏ ଶିଖା ଦେଇଛି ଆଜି
ଇତିହାସେ ହାତ ଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠଫୁଲ, ମୁକୁଳିତ ମୃତ୍ୟୁହୀନ ପ୍ରାଣ' ?

ପ୍ରଥମେ ସଚ୍ଚିରାଉତରାୟଙ୍କ ଲେଖନୀରୁ 'ବାଜିରାଉତ' କବିତା ଆଠ ପୃଷ୍ଠା ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା। ପରେ ସଚ୍ଚିରାଉତରାୟ ଆତ୍ମପ୍ରସାଦ ଓ କବିତାଟିକୁ ଏକ କାବ୍ୟରେ ପରିଣତ କଲେ। ପରେ ସଚ୍ଚିରାଉତରାୟଙ୍କ 'ବାଜିରାଉତ' କାବ୍ୟର ଇଂରାଜୀ ଅନୁବାଦ କଲେ ହରିନ୍ଦ୍ର ଚଟ୍ଟୋପାଧ୍ୟାୟ - A boat man boy. ଗୋଟିଏ ମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ', ଯାହାକୁ ସେ ଆଇ. ଏ. ପଢୁଥିବା ସମୟରେ ଲେଖିଥିଲେ ଯାହା ଆଜି ସୁଦ୍ଧା ଅନନ୍ୟ ହୋଇ ରହିଛି। ସେ ଥିଲେ ଉଭୟ ପ୍ରଗତିବାଦୀ ଓ ପ୍ରୟୋଗବାଦୀ ଓଡ଼ିଆ କବିତାର ବିଶ୍ୱକର୍ମା।

ସମାଲୋଚନା ଓ ସାହିତ୍ୟିକ ଆକଳନକୁ ବିଶ୍ଳେଷଣ କରିବା କାଠିକର ପାଠ। ୨୦୦୩ ମସିହାରେ ସେ 'ଶେଷଯୁଦ୍ଧ' ନାମକ କବିତାରେ ଲେଖିଥିଲେ 'କାହିଁକି ଲାଗିବ ଯୁଦ୍ଧ / ଯେଉଁ ଯୁଦ୍ଧ ଜିଣି ହୁଏନାହିଁ / କ୍ରେତା ଓ ବିକ୍ରେତା ଯଦି ନ ରହିବେ କେହି, ଶାନ୍ତି ଆମ ଲୋଡ଼ା କାହା ପାଇଁ କେ ଭୋଗ କରିବ ମହୀ ?' ଏଥିରୁ ତାଙ୍କର ଆକୁଳତା, ମଣିଷ ସମାଜ ପାଇଁ ସମ୍ବେଦନା ସ୍ପଷ୍ଟହୁଏ। ସମକାଳୀନ ଓଡ଼ିଆ କବିତାର ଯେ ପୃଷ୍ଠପଟ, ତାହା ହୁଏ ତ ସଚ୍ଚିରାଉତରାୟ। କବିତା, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ସମାଲୋଚନା ଇତ୍ୟାଦି ଓଡ଼ିଆ ସାହିତ୍ୟର ଯେଉଁ ବିଭାଗରେ ଏ ଯୋଗଜନ୍ମା କବି ହାତ ଦେଇଛନ୍ତି, ତାହା ତାଙ୍କ ପାଇଁ ସଫଳତା ଆଣିଦେଇଛି। ତା'ର ପଛରେ ସନ୍ନିବିଷ୍ଟ ରହିଥିଲା ଲୋକାଭିମୁଖୀ – କଳାଭିମୁଖୀ ସଚେତନତା, ଗରିବ, ଅବହେଳିତ, ଅତ୍ୟାଚାରିତ ଓ ଲାଞ୍ଛନା ମଣିଷ ପାଟିରେ ଆତ୍ମସମ୍ମାନ ଓ ପ୍ରତିବାଦର ସେ ଯେଉଁ ବିପ୍ଳବାତ୍ମକ ଶବ୍ଦ ପ୍ରୟୋଗ କରିଛନ୍ତି। ତାହା ଅସାଧାରଣ।

ସଚ୍ଚିରାଉତରାୟଙ୍କ କାବ୍ୟ କବିତାକୁ ନେଇ ଅନେକ ସମାଲୋଚକ ସମାଲୋଚନା କରିଛନ୍ତି, ସଚ୍ଚିରାଉତରାୟ ମଧ୍ୟ ସମାଲୋଚକ ହିସାବରେ କମ୍ ନୁହଁନ୍ତି, ନିଜର ଛଦ୍ମ ନରମ ପ୍ରୟୋଗରେ ପତ୍ରିକା ମାଧ୍ୟମରେ ସମାଲୋଚକମାନଙ୍କୁ ଉଚିତ ଉତ୍ତର ଦେବାରେ ଟିକେ ହେଲେ ହେଳା କରିନାହାନ୍ତି। ସଚ୍ଚିରାଉତରାୟ ସାହିତ୍ୟ ସମାଲୋଚନାରେ ଉଚ୍ଚ ଶିଖର ଅଧିକାରୀ। ତାଙ୍କର 'କବିତା-୧୯୬୨' ରେ ସ୍ଥାନିତ ନୂତନ କବିତାର ଭୂମିକାକୁ ଉଲ୍ଲେଖ କରାଯାଇପାରେ। ଗ୍ରନ୍ଥର ମୁଖବନ୍ଧରେ ଲେଖକ ସୂଚନା ଦେଇଛନ୍ତି ଯେ, 'ଆଧୁନିକ କବିତାର ଦିଗ୍ଦର୍ଶନ ତଥା ଆଙ୍ଗିକ ଓ ଆଙ୍ଗିକମୁଖ ସମ୍ପର୍କରେ ତାଙ୍କର ଦୀର୍ଘକାଳର ଉତ୍ସାହ ପୂରଣ କରିବା ପାଇଁ ହିଁ ନୂତନ କବିତାର ପୃଷ୍ଠଭୂମି ଓ ବିକାଶ' ଏକ ବାର୍ତ୍ତା ସନ୍ଦର୍ଭ ଯୋଗାଯାଇଛି। ସେ ସ୍ୱୀକାର କରିଛନ୍ତି ଯେ 'ଆଧୁନିକ କବିତା ଅନେକ କିଛି ହରାଇଛି। ସମୟ ହୋଇଛି ମୃତ୍ୟୁମୁଖୀରେ ବାଟ ଖୋଜି ବୁଲିଛି। ଏ ମୃତ୍ୟୁଭୂମି କିଛି କବିତାର ନିଜସ୍ୱ ସୃଷ୍ଟି ନୁହେଁ। ସେ ମତବ୍ୟକ୍ତ କରିଛନ୍ତି ଯେ, ଆଧୁନିକ କବିତା ଏକ ଦିଗରେ ଯେପରି ଅନେକ କିଛି ହରାଇଛି, ସେହିପରି ଅନ୍ୟଦିଗରେ 'ପାଇଛି ଜୀବନର ସମଗ୍ର ପରିସର ଓ ନୂତନ ଦିଗନ୍ତର ସନ୍ଧାନ। ସମାଜ ଜୀବନରେ ଯାହାକିଛି ଅବହେଳିତ, ଯାହାକିଛି ଅବ୍ୟକ୍ତ ହୋଇ ପଡ଼ି ରହିଥିଲା, ସେହି ଅବହେଳିତ ଲୁପ୍ତସୁପ୍ତ ଚିତ୍ରକୁ ସେ ଦେଇଛନ୍ତି ଶ୍ରେଷ୍ଠ ପ୍ରାଣଶକ୍ତି କାବ୍ୟର ଅମୂଲ୍ୟ ସମ୍ପଦ।

୧୯୧୨ ମସିହାରେ ପ୍ରକାଶିତ 'ସାହିତ୍ୟ ଦିଗନ୍ତ ସ୍ରଷ୍ଟା ମୂଲ୍ୟବୋଧ' (ପ୍ରଥମ ଖଣ୍ଡ) ସଚ୍ଚିଦାନନ୍ଦଙ୍କୁ ଭିନ୍ନ ଏକ ଦିଗପାଳ ବ୍ୟକ୍ତିତ୍ୱରେ ପରିଣତ କରିଦେଲା। ଏଥିରେ ପାକ୍ଷିକଭାବେ ପ୍ରକାଶିତ ହୋଇଛି ଗୋବିନ୍ଦ ତ୍ରିପାଠୀଙ୍କ ଲିଖିତ ଦୁଇଟି ଆଲେଖ୍ୟ। 'ଆସନ୍ତା କାଲି' ପତ୍ରିକାରେ ଶ୍ରୀ ତ୍ରିପାଠୀ ସଚ୍ଚିରାଉତରାୟ ଓଡ଼ିଆ ସାହିତ୍ୟରେ ପ୍ରଗତିବାଦର ପ୍ରତିଷ୍ଠାତା ବୋଲି ପ୍ରମାଣିତ କରିବା ଲକ୍ଷ୍ୟରେ ଏହି ଦୁଇଟି ଆଲେଖ୍ୟ ଲେଖିଥିଲେ। କିନ୍ତୁ ସେହି ପତ୍ରିକାରେ 'ସମାଲୋଚକର ଦୃଷ୍ଟି'ରେ ବିଭାଗରେ ଶ୍ରୀ ନିରପେକ୍ଷ, ଶ୍ରୀ ତ୍ରିପାଠୀଙ୍କ ସୃଷ୍ଟି ସେହି ପତ୍ରିକାରେ 'ସମାଲୋଚକର ଦୃଷ୍ଟିରେ' ବିଭାଗରେ ଶ୍ରୀ ନିରପେକ୍ଷ, ଶ୍ରୀ ତ୍ରିପାଠୀଙ୍କ ସୃଷ୍ଟି ଖଣ୍ଡନ ବୋଲି ପ୍ରମାଣ କରିସାରିଥିଲେ। ତଥାପି ସଚ୍ଚିଦାନନ୍ଦ ରାଉତରାୟ ନିଜ ପୁସ୍ତକରେ ଲେଖିଥିଲେ - 'ପ୍ରକାଶ ଆଉଛି ଏ ପ୍ରବନ୍ଧ ଜବାବ 'ଶ୍ରୀ ନିରପେକ୍ଷ', ଅଧ୍ୟାପକ ନଟବର ସାମନ୍ତରାୟ କିମ୍ବା ଅନ୍ୟ କେହି ଏ ପର୍ଯ୍ୟନ୍ତ ଲେଖିନାହାନ୍ତି। ଶ୍ରୀ ନିରପେକ୍ଷ ନିଜର ବଳିଷ୍ଠ ସୃଷ୍ଟି ମାଧ୍ୟମରେ ଶ୍ରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ସବୁଦିନ ପାଇଁ ନିରବ କରିଦେଇଥିଲେ ହେଁ ଶ୍ରୀ ରାଉତରାୟ ଏଭଳି ଲେଖା ହାସ୍ୟାସ୍ପଦ ବୋଲି ସମାଲୋଚକ ଡଃ ଅସିତ୍ କବି ଯୁକ୍ତି ବାଢ଼ନ୍ତି। ସଚ୍ଚିଦାନନ୍ଦ ରାଉତରାୟ 'ଦିଗନ୍ତ' ନାମରେ ଏକ ପତ୍ରିକା ସମ୍ପାଦନା କରିଥିଲେ।

(୧୪) ଶତାବ୍ଦୀର ଶ୍ରେଷ୍ଠପୁଷ୍ପ ସମସ୍ତଙ୍କୁ ସୁରଭିତ କରି ଦିନେ ଝଡ଼ିପଡ଼ିଲା କିନ୍ତୁ ତା'ର ବାସନା ମହକୁଥିବ କାଳକାଳକୁ ...ଯୁଗ ଯୁଗକୁ ...! ଏଇଭଳି ଫୁଲଟିକୁ ପାଇ ଖୋର୍ଦ୍ଧା ଆଜି ଗର୍ବିତ, ଓଡ଼ିଶା ଆଜି ଗର୍ବିତ, ଭାରତ ଆଜି ଗର୍ବିତ? ଭୂଗୋଳ ପୋଥି ପତରରେ ନଥିବା ଗୁରୁଜଙ୍ଗ ଗାଁଟି ଆଜି ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲିପିବଦ୍ଧ। ଏଭଳି କାବ୍ୟ ପୁରୁଷଙ୍କୁ ମୋର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି-।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଆସ ମାଟି ମନସ୍କ ହେବା

**ବଂଶୀଧର ମାଝୀ**



ଆସ ଆଜି ମାଟି ମନସ୍କ ହେବା
ଆଧୁନିକ ଯୁଗର ଯାନ୍ତ୍ରିକତାରୁ
ଟିକିଏ ଦୂରକୁ ଫେରି ଆସିବା ।
ଉଚ୍ଚାକାଂକ୍ଷାର ଆକାଶରେ ଉଡୁ ଉଡୁ
ଆସ, ପାଦକୁ ପୁଣି ଭୂଇଁରେ ଛୁଆଁଇବା ।
ସହରୀ ଜୀବନର ବାଜଣା ଭିତରେ
ହଜିଯାଇଛି ମାଟିର ଚିରନ୍ତନ ଗନ୍ଧ
ମୋବାଇଲ୍ ପରଦାର ଆଲୁଅରେ
ଅନ୍ଧାର ହୋଇଯାଇଛି ଶାଶ୍ୱତ ସମ୍ପର୍କ ।
ସବୁକିଛି ପାଇବାର ଅନ୍ଧ ଦୌଡ଼ରେ
ଆମେ ହରାଇ ବସିଛେ ନିଜସ୍ୱ ସତ୍ତା
ଆସ, ସେହି ହଜିଲା ନିଜକୁ
ଆଉଥରେ ମାଟିର କୋଳରେ ଖୋଜିବା ।



ମାଟି ହିଁ ଆମର ଆଦି, ମାଟି ହିଁ ଅନ୍ତ
ଏହା ଶିଖାଏ ସହନଶୀଳତା ଓ ଧୈର୍ଯ୍ୟର ମନ୍ତ୍ର ।
ଜଡ଼ିତ ହେଲେ ମାଟି ସହ, ସ୍ୱପ୍ନ ବି ହୁଏ ସବୁଜ
ଫୁଟିଉଠେ ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ ।
ପାଦତଳର ଧୂଳିକୁ ଅନାଦର ନକରି
ତାକୁ ଆମର ଶକ୍ତି ଓ ଚେର ବୋଲି ଭାବିବା
ଗଛ ପରି ଉଚ୍ଚକୁ ଉଠିବା ସତ
ହେଲେ ଶିକ୍ଷା ଓ ସଂସ୍କୃତିର ମୂଳକୁ
ମାଟିରେ ହିଁ ପୋତିବା ।
ଆସ, ପୁଣିଥରେ
ସେହି ମାଟିର ମଣିଷ ହେବା
ନିଜର ଚେରକୁ ଚିହ୍ନି
ଗୋଟିଏ ନୂଆ ସକାଳ ଆଡ଼କୁ
ପାଦ ବଢ଼ାଇବା ।

*ଫଟାମୁଣ୍ଡା, ଘଣ୍ଟାପଡା, ବୌଦ୍ଧ-୭୬୨୦୧୮*
*ମୋ-୯୧୭୮୮୦୩୩୮୮*

# ଅମୀୟ ବନ୍ଧନ ଧାରା

**ସୁଜିତ କୁମାର ମିଶ୍ର**

ମନ ଅଗଣାରେ ତୁମେ ଶ୍ରାବଣରେ ମହକ ନଈର ଗୀତି,
ବିନ୍ଦୁ ବିନ୍ଦୁ ବର୍ଷା ଝରୁଥାଏ ତୁମ ବୁକୁତଳୁ ଦିନରାତି ।
ତୁମେ ଲେଖୁଥାଅ ମିଳନ କାବ୍ୟର ଗ୍ରନ୍ଥଟିଏ ତମସାରେ,
ଯାତନା ଆଉ କି ଫେରେ ପୂର୍ବପରି ଜହ୍ନରାତି ପରଶରେ।

କିଏ କହେ ତୁମେ ରେଶମୀ ଡୋରିଟେ କିଏ କହେ କିଣା ରାକ୍ଷୀ,
ଅମୀୟ ବନ୍ଧନ ଧାରାର ତୁମେ ତ ଆଦିକାଳୁ ପୁଣ୍ୟ ସାକ୍ଷୀ ।
ଦୂର ବହୁଦୂର ତୁମେ ମିଠାଝର ଦରଦୀପଣର ସ୍ରୋତେ,
ସକଳ ସୁଖର ସଖା ତୁମେ ପରା ସମର୍ପିତ କୋଳାଗ୍ରତେ।

ଓଠେ ଭରିଦିଅ ମଧୁର ଆଳାପ ଅଦେଖା ଆନନ୍ଦ ଢେଉ,
ଅନୁରାଗ ଭରା ଅଙ୍ଗୀକାର ତୁମ ଅସରନ୍ତି ପ୍ରୀତି ମହୁ।
ହାତ ଓ ହୃଦୟ ହୁଏ ଏକାକାର ତୁମେ ଭାବେ ଦେଲେ ଛୁଇଁ,
ବନ୍ଧନ ପାଚେରୀ ନିର୍ମାଣ ହୁଅଇ ଭାଙ୍ଗେ ଆଉ କେବେ କାହିଁ ?


ଫୁଲ ଚନ୍ଦନର ସୁବାସରେ ତୁମେ ପ୍ରେମର ପ୍ରଦୀପ ଜାଳ,
ପଲକେ ପୁଲକ ଋତୁର ତୁମେ ତ ଫଗୁଣର ମଧୁ କାଳ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



**ରବି ରାଉତ**

# ଶ୍ରୀମତୀ ଶୋଇଛନ୍ତି



ମୋ ସହଧର୍ମିଣୀ ଶୋଇଛନ୍ତି ଅର୍ଥାତ ଶ୍ରୀମତୀ ଶୋଇ ପଡିଛନ୍ତି । ଶ୍ରୀମତୀ ଶୋଇଛନ୍ତି ନିଘୋଡ ନିଦରେ। ଏଇ ଧରା ପୃଷ୍ଠରେ ସବୁଠାରୁ ଶାନ୍ତିପ୍ରଦ ଆନନ୍ଦ ବିଭୋର, ନିରୁଦବିଗ୍ନ, ନିର୍ବିଘ୍ନ, ନିରୁପଦ୍ରବ ମୁହୂର୍ତ୍ତ ଏହାଠାରୁ ବଳି ମୋ ପାଇଁ କ'ଣ ଅନ୍ୟ କିଛି ଅଛି ?

ମୃଦୁ ମନ୍ଦ ଘୁଙ୍ଗୁଡିର ଶବ୍ଦ ତାଙ୍କ ଦୁଇ ଓଠ ଫାଙ୍କରୁ ଭାସି ଆସୁଛି। ମୁଁ ଦୃଢ ନିଶ୍ଚିତ ଯେ ସେ ଶୋଇ ପଡିଛନ୍ତି। ଶ୍ରୀମତୀଙ୍କର ଶୋଇପଡିଥିବା ଦେଖି ମୋତେ ମୁକ୍ତ ବିହଙ୍ଗ ପରି ଗଭୀର ନୀଳ ଆକାଶରେ ଡେଣା ମେଲି ଉଡିବାକୁ ଇଚ୍ଛା ହେଉଛି। ମନ ହେଉଛି ଜଳଚର ଜୀବ ପ୍ରଜାତିଙ୍କ ଭଳି ଗଭୀର ସମୁଦ୍ର ଅତଳ ସୁନୀଳ ଜଳ ରାଶିରେ ପ୍ରାଣଭରି ସନ୍ତରଣ କରିବି । ଖୋଲା ଆକାଶ ତଳେ ଦୁଇ ବାହୁ ଊର୍ଦ୍ଧ୍ୱକୁ ଟେକି ମନଭରି ହସିବି । ଯିଏ ଯାହା କହୁ, କିଏ ନିନ୍ଦୁ ବା କିଏ ବନ୍ଦୁ ମୋର ତ ଢୋ। ମୁଁ ଏବେ ଉଦ୍ଦଣ୍ଡ ନୃତ୍ୟରେ ମସ୍‌ଗୁଲ୍ ହୋଇଯିବି । ବେଫିକର ବାଦ୍‌ଶାହା ମୁଁ। ଚିତ୍କାର କରି ଅଟ୍ଟହାସ୍ୟରେ ମୋ ଚତୁଃପାର୍ଶ୍ୱକୁ ପ୍ରକମ୍ପିତ କରିଦେବି । ଏମିତି କାନ୍ଦିବି ଯେ ସବୁ ଧୈର୍ଯ୍ୟର ବନ୍ଧ ଡେଇଁ ମୋ ଆଖି ଲୁହ ଧାରା ଶ୍ରାବଣୀ ନଈ ପାଲଟି ଯିବ ।

ମୁଁ ବୋଧହୁଏ ଏଇ ପୃଥିବୀର ସବୁଠାରୁ ଭାଗ୍ୟବନ୍ତ ପତି ଯେ ଶ୍ରୀମତୀ ଏବେ ଶୋଇପଡିଛନ୍ତି । ସେ ତ୍ରିକାଳ ଦର୍ଶୀ । ଗହନ ନିଦରେ ସୁଖ ସପନରେ ମଜ୍ଜି ଯାଇଥିବା ବେଳେ ବି ସେ ଠିକ୍ ଜାଣି ପାରନ୍ତି ଯେ ମୁଁ ଏବେ କ'ଣ କରୁଛି ? କେଉଁ ପାର୍ଥିବ ଅପାର୍ଥିବ ଚିନ୍ତା ଭାବନା ମୋତେ ଗ୍ରାସ କରିଛି ? ସ୍ୱାଧୀନ ଭାବରେ ଚିନ୍ତା କରିବାର ଦୁର୍ଲଭ ଦୁଷ୍ପ୍ରାପ୍ୟ ସୌଭାଗ୍ୟ ମୋତେ କେମିତି ପ୍ରାପ୍ତ ହେଲା ? ମୋତେ ହସିବା ମନା "ବୁଢା ମିଣିପଟା ହେଁ ହେଁ ହୋଇ ଘୋଡା ପରି ହସୁଛ" ? ମୋତେ ଲୁହ ଝରାଇବା ବାରଣ । ମୋ ଅଶ୍ରୁପାତ କୁମ୍ଭୀର କାନ୍ଦଣା। ମୋର ସ୍ୱାଧୀନ ଭାବରେ ଚାଲିବାର ବୁଲିବାର ଅଧିକାର ଆସିଲା କେଉଁଠୁ ?

ସେ ନୂଆ ନୂଆ ଆସିଥିଲେ । ହଳଦୀ ଗୁରୁ ଗୁରୁ ଅଳତା ମଖା ପାଦରେ ଆମ ଏରୁଣ୍ଡି ବନ୍ଧ ଡେଇଁ ଘର ଭିତରେ ପ୍ରଥମ ପାଦ ଥାପିଥିଲେ । ପାଉଁଜିର ନିକ୍ୱଣ ଆଉ ଲଛମନତାରା ଚୂଡିର ରୁଣୁ ଝୁଣୁ ଶବ୍ଦ ମୋ ହୃଦୟ ତନ୍ତ୍ରୀରେ ଝଲକାଏ ମୃଦୁମନ୍ଦ ଦକ୍ଷିଣ ପବନର ଚନ୍ଦନ ପ୍ରଲେପ ଲେପି ହୋଇଯାଉଥିଲା। ସେ ଆସୁଥିଲେ। ମୁଁ ସ୍ତବ୍ଧ ହୋଇ ଅଧୀର ଆଗ୍ରହରେ ପ୍ରତୀକ୍ଷା କରୁଥିଲି। ଆତ୍ମୀୟମାନେ ଭୂରି ଭୂରି ପ୍ରଶଂସାରେ ପୋତି ଦେଉଥିଲେ ସାତ ତାଳ ପଙ୍କରେ। ସୁନା ନାକି ଲକ୍ଷ୍ମୀ ପ୍ରତିମା । ମୋ ଘରର କୋଣ ଅନୁକୋଣ, ହୃଦୟର ପ୍ରତିଟି ଧମନୀ ରକ୍ତକୋଷରେ ଅନୁରଣିତ ହେଉଥିଲେ ସେ ପ୍ରତି କ୍ଷଣ ପ୍ରତିଟି ମୁହୂର୍ତ୍ତରେ । ନା ସମୟର ହିସାବ ଥିଲା ନା ଥିଲା ସେଇ ଚୁପିଚୁପି ମଧୁର ଆଳାପରେ କିଛି ବିରାମ । କେତେ କଥା ! ପିଲା ଦିନରୁ ବାହା ବେଦୀ ପର୍ଯ୍ୟନ୍ତ । ମିଛିମିଛିକା ବାଲି ଖେଳ ଘର। ନଡିଆ ଖୋଳା ତାଳ ଗୋଟମାର ସଂସାର । କାଗଜ ଡଙ୍ଗାର କ୍ଷଣାଭିସାର । ସ୍କୁଲ କଲେଜ ପଢିବା ବେଳର ଅସରନ୍ତି ଗଳ୍ପ। ମୁଁ ବିଭୋର ଶ୍ରୋତା ସେ ପ୍ରଗଳଭ ବକ୍ତା । ଭୋର୍ ହୋଇ ଆସୁଥିଲା ଯେ ଦାଣ୍ଡ ପିଣ୍ଡାରେ ମଶିଣା ପାରି ଶୋଇଥିବା ଜେଜେମା ତାଙ୍କୁ ଝିଙ୍ଗାସୁଥିଲା । ମୋ ମାଆକୁ ସେ ସମ୍ବୋଧନ କରୁଥିଲା ବେହେରା ଝିଅ ଆଉ ଶ୍ରୀମତୀଙ୍କୁ ଝାମ୍ପୁରୀ । ଫେଙ୍ଗୁଳା ପାଟିରେ ଡାକ ପକାଉଥିଲା "ଝାମ୍ପୁରୀ ସେ ରଇଜଳା ନିଲଠା ବେହ୍ୟା ପାଲରେ ପଡି ସାରା ରାତି ଚେଇଁଛୁ ? ତୋ ଶାଶୁ ଦିନ ବେଳେ କେତେ କାମ ବରାଦ କରିବ ନା ନାହିଁ ? ଛି ଛି ଝିଅଟା ଏବେ କରିବ କ'ଣ ? ଦି ଦଣ୍ଡ ଶୋଇନାହିଁ ମୋ ଛାଇ ନିଦ ଭାଙ୍ଗିବା ବେଳକୁ ସବୁବେଳେ ଖାଲି କଥା ଯେ କଥା ଆଉ ହସ । ଆଲୋ ସେ ହସ ଆଉ କେତେଦିନ ? ସଂସାର ଦଉଡିର ଫାନ୍ଦରେ ବେକ ପୁରାଇ ଦେଇଛ ଯେ ! "ହାତେ ଓଢଣି ଟାଣି ଆଶ୍ଳେଷରୁ ମୁକୁଳି ସେ ବାସି ପାଇଟି ସାରିବାକୁ ଚାଲିଯାଉଥିଲେ। ମୁଁ ସେ ବଦମାସ ବୁଢୀର ତଣ୍ଟି ଚିପି ଦେବାକୁ ମସୁଧା କରୁଥିଲି। ଅଥଚ ଏ ଦୁନିଆରେ ସବୁଠୁ ବେଶି ଭଲ ପାଉଥିଲା ସେ ମୋତେ। ମୋ ମାଆ ଠାରୁ ବି ଢେର୍ ଅଧିକ । ମୋତେ ଘଡିଏ ନଦେଖିଲେ ବାୟାଣୀ ପରି ହୁଏ । ତାରି କୋଳରେ ମୋ ସମଗ୍ର ଶୈଶବ, ବାଲ୍ୟକାଳ । ସ୍କୁଲରୁ ଫେରିବା ବେଳକୁ ମୋ ପାଇଁ ରଖିଥିବ ତା ହାତରନ୍ଧା ମାଛ ପତୁଆ ଜହ୍ନି ପୋଡା ଛତୁ ବାଟି ବସା । ବେଳେ ବେଳେ ପୋଡ ପିଠା । ଏମିତି ପାଟି କରେ ଯେ ଆମ ସାହି ପଡିଶା ତାକୁ ଡରନ୍ତି । ଆଉ ସମସ୍ତଙ୍କର ବିପଦ ଆପଦରେ ସେ ଆଗତୁରା ପହଞ୍ଚିଯିବ। ପ୍ରସୂତୀଙ୍କ ପାଇଁ ସେ ପୋଖତ ଧାଈ । ନବ ଜାତକଙ୍କର ନାମକରଣ ତାପାଇଁ ସଂରକ୍ଷିତ । ହଗରା ଠକରା ହାଡିଆ ମକରା ଖାସିଆ ମଙ୍ଗିଳିଆ ଟାଙ୍ଗୁରୁ ଥିଲା ପୁଅଙ୍କର ପ୍ରଥମ ପସନ୍ଦ ନାଁ । ଆଉ ଝିଅଙ୍କର ନାଁ ଦେଉଥିଲା ବାୟାଣୀ ଝାମ୍ପୁରୀ ଚେମି ସୁକୁରି ଗୁରୁବାରୀ ସମବାରୀ ପୁନି ପ୍ରଭୃତି । ସେତେବେଳେ ବୁଢୀର ଅଖଣ୍ଡ ଆଧିପତ୍ୟ ଆମ ସାହି ପଡିଶାରେ । ଗାଆଁ ଯାକ ସୂର୍ଯ୍ୟ ବନ୍ଧୁ । କାହାର ବଡମା ଆଉ କାହାର ଆଈ ଜେଜେମା। ସେ ବୁଢୀ ପୁଣି ନବ ଦମ୍ପତିଙ୍କ ରାସ୍ତାର କଣ୍ଟା । ଦିନ ବିତି ଗଲା ଜେଜେ ମାଆ ଆଖି ବୁଜିଲା। ମୁଁ କେଉଁ କାମରେ ଭୁବନେଶ୍ୱର ଯାଇଥିଲି । ତାର ଅକ୍ଷମ ଶରୀରରେ ବିଛଣାରୁ ଉଠିବାର ନିଷ୍ଫଳ ପ୍ରୟାସ କରି ବାପାଙ୍କୁ ରାଗିଲା। କହିଲା "ମୁଁ ତ ଯିବି । ତୁ ବାୟାଣୀ ମୋ ଛୋଟା ଛୁଆଟାକୁ କୁଆଡେ ପଠାଇ ଦେଲୁ ? ତା ମୁହଁ ନ ଦେଖି ମୁଁ ଯାଉଛିରେ। ଶ୍ରୀମତୀଙ୍କୁ ପାଖକୁ ଡାକି ହାତ ଧରି କାନ୍ଦିଲା ଆଉ ଥଙ୍ଗ ଥଙ୍ଗ ହୋଇ କହିଲା - ଝାମ୍ପୁରୀ ମୋ ବୁଢାକୁ ଦେଖିବୁ ଲୋ, ମୁଁ ଚାଲିଲି। ବାସ ଗୋଟିଏ ଦୁଇଟି ହିକ୍କା ପରେ ତାର ପ୍ରାଣବାୟୁ ଉଡିଗଲା । ମୁଁ ହତଭାଗା ନରାଧମ ପାଷାଣ୍ଡ ବୁଢୀମାର ଶେଷ ସମୟରେ ତା ମୁହଁରେ ଟିକେ ପାଣି ଦେଇପାରିଲିନାହିଁ। ଫେରିବା ବେଳକୁ ମୋତେ ଚାହିଁ ଚାହିଁ ଜୁଇରେ ଶୁଆଇ ଦେଲେଣି ଏ ଦୁନିଆର ମୋର ସର୍ବଶ୍ରେଷ୍ଠ ଭଲ ପାଇବା ମଣିଷକୁ । ଚରମ ଅକୃତଜ୍ଞ ମୁଁ । ଜୀବଦ୍ଦଶାରେ ତାର ଭଲ ପାଇବାର ଆତିଶଯ୍ୟକୁ ଘୃଣା କଲି ଯେ ସେ ଦିବଂଗତ ହେବା ପରେ ଏବେ ଦୁନିଆଦାରୀର ଅନ୍ଧ ମୁହାଣୀରେ ମୋର ବ୍ୟକ୍ତି ସତ୍ତା, ମୋର ହୃଦୟ, ମୋର ଖିଆଲି ମନ, ଦିଗଶୂନ୍ୟପୁରର ଅମୁହାଣି ରାସ୍ତାରେ ହଜି ଯିବାର ଦୁରନ୍ତ ଅଭିଳାଷ ସବୁ ଗୋଟିଏ ପରେ ଗୋଟିଏ ଅନ୍ତର୍ହିତ ହୋଇଗଲା ମୋ ଠାରୁ । ଜୀବନ ଜୀବିକା ପାଇଁ ପ୍ରତିଦ୍ୱନ୍ଦ୍ୱିତା, ସାଂସାରିକ କାମନା ବାସନାର ଅନ୍ଧ ଗଳିରେ ମୁଁ ନିଜେ ନିଜକୁ ହରାଇ ଦେଲି ।

ସମୟ ବଦଳି ଗଲା । ଭାଇ ଭଉଣୀଙ୍କର ନିଜସ୍ୱ ପରିବାର ସଂସାର ହେଲା । ତେଲ ଲୁଣ ହିସାବ ନିକାଶର ପରିବର୍ତ୍ତିତ ଦୁନିଆରେ କେହି କାହାରି ଭଲ ମନ୍ଦ ବୁଝିବାକୁ ବେଳ ନଥିଲା। ଆମେ ସବୁ ଆମ ପୁଅ ଝିଅ, ଶାଶୁ ଶଶୁର, ଶଳାସଢୁ, ଅଫିସ ବ୍ୟବସାୟ, ଷ୍ଟାଟସ୍ ପଦବୀ, ପ୍ରତିପତ୍ତିକୁ ନେଇ ଏତେ ମସ୍‌ଗୁଲ୍ ହୋଇଗଲୁ ଯେ , ବାପା ମାଆ ଭାଗ ହୋଇଗଲେ । ତାଙ୍କର ପ୍ରତିଟି କାର୍ଯ୍ୟ ବିରକ୍ତି ଉଦ୍ରେକ ଅଶାଳିନ ମନେ ହେଲା । ନିରବି ଗଲେ ବାପା । ଅଭିମାନରେ ଆଖିରୁ ଅନବରତ ଲୁହ ଝରାଇ ଅନ୍ଧୁଣୀ ହୋଇଗଲା ମାଆ । ତା ଆଖି ଲୁହ ନଶୁଖୁଣୁ ବାପା ଅନ୍ତିମ ବିଦାୟ ନେଇଗଲେ ପାର୍ଥିବ ଦୁନିଆରୁ।

ଶ୍ରୀମତୀ ଶୋଇଛନ୍ତି ବୋଲି ମୁଁ ସ୍ୱାଧୀନ ଚେତା ହୋଇ ଭାବୁଛି । କେମିତି ବଦଳି ଗଲା ମୋ ଘରର ଚିତ୍ରପଟ୍ଟ ? ଭରତ ଲକ୍ଷ୍ମଣଙ୍କ ପରି ଅନୁଗତ ଭାଇମାନେ ଭଗାରୀ ପାଲଟି ଗଲେ ? ଘର ମଝିରେ କାନ୍ଥ ଉଠିଲା । ଅଲଗା ଅଲଗା ଚୂଲ୍ଲୀରୁ ଧୂଆଁ ବାହାରିଲା। ବେଳ ଅବେଳରେ ଡାଡୀ ବୋଲି ଡାକି ଚକୋଲେଟ୍ କୁର୍‌କୁରେ ପାଇଁ ଅଳି କରୁଥିବା, ଶ୍ରୀମତୀଙ୍କ କୋଳରେ ଆଇମା ଅସୁରୁଣୀ ଗପ ଶୁଣି ନିଦ ମାଉସୀ ପରଶରେ ହଜି ଯାଉଥିବା ପୁତୁରା ଝିଆରୀ ମାନେ ପର ହୋଇଗଲେ ।

ସମୟ ବଦଳି ଗଲା । ବଦଳି ଗଲେ ଗୋଟାପଣେ କୂଳ ବଧୂ ଜଣେ। ଶ୍ରୀମତୀ ଝଅଟ ବଦଳି ଗଲେ ଯେ ତାଙ୍କ ପରିବର୍ତ୍ତିତ ଆଚରଣ ଉଚ୍ଚାରଣର ବହ୍ନିମାନ ପ୍ରଜ୍ୱଳିତ ଅଗ୍ନିଶିଖାରେ ମୁଁ ପୁରାପୁରି ଝଲସି ଗଲି । ମୁଁ ପଣିଆକୁ ସମ୍ପୂର୍ଣ୍ଣ ବିସର୍ଜି ଦେଇ ମୁଁ ପାଲଟି ଗଲି ଅନୁରକ୍ତ ଆତ୍ମବୋଧଚ୍ୟୁତ ନିରୀହ କାକୁସ୍ଥ ଗୃହସ୍ଥ। ମୋର ଅନ୍ୟ କୌଣସି ପରିଚୟ ନାହିଁ । ମୁଁ ଏତେ ତଳକୁ ଖସି ଗଲିଣି ଯେ ହାଇସ୍କୁଲ ପଢିବା ବେଳର ସହପାଠିନୀଙ୍କୁ ନେଇ ପ୍ରେମ ଗପ ଲେଖୁଛି । ଛି ଛି ମୋ ବାପା ମାଆ ସଂସ୍କାର ଚରିତ୍ର କ'ଣ ଶିକ୍ଷା ଦେଲେ ନାହିଁ । ସେମାନଙ୍କୁ ଜଣାଥିଲେ ତ ? କେତେବେଳେ ଯେ ମୋର ଏଇ ପରିବର୍ତ୍ତିତ ଉତ୍ତରଣ ହେଲା ମୁଁ ଜାଣିପାରିଲିନାହିଁ । କେମିତି ମୃଦୁଭାଷିନୀ ଶ୍ରୀମତୀ ପାଲଟିଗଲେ ସିଂହନାଦିନୀ ? ମାପିଚୁପି ପଦେ ଦୁଇପଦ କଥାରୁ ଆଜି ଘର ବାହାର ପ୍ରକମ୍ପିତ କରିଦେଉଛନ୍ତି, କେବଳ ମୋର ଅଗଣିତ ଅସରନ୍ତି ଦୋଷ ଦୁର୍ବଳତା ଚାରିତ୍ରିକ ସ୍ଖଳନ ନିପାରିଲା ପଣ, ବସ୍ତା ପଚା ଘୁଣ ଖିଆ ନିମ୍ନ ମଧ୍ୟବିତ୍ତ ମାନସିକତାର ପର୍ଦ୍ଦା ଉନ୍ମୋଚନ କରି । ନୂଆ ନୂଆ ଆସିଥିଲେ । ସେ କହୁ ଥିଲେ ମୁଁ ଶୁଣୁଥିଲି । ମୁଁ କହୁଥିଲି ଯେ ସେ ମୋର ସବୁ ମିଛ ସତକୁ ହସି ହସି ଗ୍ରହଣ କରିନେଉଥିଲେ । ମୁଁ ପୁଲକିତ ସେ ଆମୋଦିତ । ବହୁତ କଥା ତ ପାଟି ନ ଖୋଲି ଗୋଟିଏ ବି ଶବ୍ଦ ଉଚ୍ଚାରଣ ନ କରି ସେ ମୋର ସବୁ କଥା ବୁଝି ପାରୁଥିଲେ। ମୁଁ ତାଙ୍କ ଆଖିର ଭାଷାକୁ ଦେହର ଭୂଗୋଳ ଭଳି ମୁଖସ୍ତ କରି ସାରିଥିଲି ।

ଦିନ ବିତିଗଲା ପରି ପ୍ରସ୍ତ ପ୍ରସ୍ତ ପାଲଟି ଗଲେ ସେ । ଆମେ କେହି କାହା କଥା ବୁଝି ପାରୁନାହୁଁ । ଫୁଟେ ଦୂରରେ ଥିଲେ ମଧ୍ୟ ଯୋଜନ ଯୋଜନ ପଥର ଦୂରତା ଆମ ଦୁହିଙ୍କ ଭିତରେ । ଏବେ ଆମେ କହୁଛୁ, କିନ୍ତୁ ଆମେ ଶୁଣି ପାରୁନୁ ଲୋକେ ଶୁଣୁଛନ୍ତି । ଲାଜକୁଳି ମଉନାବତୀ ଏବେ ଗାଳି ଗୁଲଜ ପାଟି ତୁଣ୍ଡରେ ଆମ ପଡା ଗାଁକୁ ଆମ ପରିବାରକୁ ଉଠବସ କରୁଛନ୍ତି । ଫର୍ଦ୍ଦ ଫର୍ଦ୍ଦ ଅଭିଯୋଗ ମୋ ବିରୁଦ୍ଧରେ । ମୁଁ ନିକମ୍ମା ଅପଦାର୍ଥ ଅଯୋଗ୍ୟ କ୍ଳୀବ କାପୁରୁଷ । ମୋ ଚୌଦ ପୁରୁଷ ଛୋଟଲୋକ । ସଭ୍ୟତା ସଂସ୍କାର ଆଭିଜାତ୍ୟ ଅର୍ଥ ପଦବୀ ମନ ପସନ୍ଦର ଘର ଦ୍ୱାର କିଛି ନାହିଁ । ସେ ଠକି ଯାଇଛନ୍ତି । ତାଙ୍କୁ ପ୍ରତାରିତ କରାଯାଇଛି। ତାଙ୍କର ସରଳ ନିଷ୍କପଟ ନିଷ୍ପାପ ହୃଦୟକୁ ଜଘନ୍ୟ ହତ୍ୟା କରାଯାଇଛି । ସେ ନିଃଶବ୍ଦରେ ଗୁମୁରି ଗୁମୁରି କାନ୍ଦୁଥିବା ବେଳେ ଆମେ ନିର୍ବିଘ୍ନେ ନିରୁପଦ୍ରବ ଜୀବନ ଜୀଇଛୁ । ଏବେ ତାଙ୍କ ପାଳି । ଶ୍ରୀମତୀ ଶୋଇଛନ୍ତି ବୋଲି ଏତେ କଥା କହିବାର ଚିନ୍ତା କରିବାର ସ୍ପର୍ଦ୍ଧା ପ୍ରତି ପୋଷଣ କରିଛୁ ଆମେ । ଆମେ ଯାହା କହିଲେ ସେ ଓଲଟା ବୁଝନ୍ତି । ଆମର ପ୍ରତ୍ୟେକଟି କାର୍ଯ୍ୟକୁ ବିରୋଧ କରିବା ତାଙ୍କର ମହାନ କର୍ତ୍ତବ୍ୟ ପାଲଟି ଯାଇଛି । ଆମେ ହସିଲେ ସେ ରାଗ ତମତମ ଗରଗର ହେଉଛନ୍ତି । ଆମ ଆଖିରୁ ଲୁହ ଝରିଲେ ସେ ହସି ହସି କୁରୁଳି ଯାଉଛନ୍ତି। ଅକାଳ ମୃତ୍ୟୁ କାମନା କରୁଛନ୍ତି ।

ଆମେ ଯାହା ଭାବିବୁ ସେ ଓଲଟା କରିବେ । ଅସହ୍ୟ ଗୁଳୁଗୁଳି ସମୟରେ ସେ ପଙ୍ଖା ଏସି ବନ୍ଦ କରିଦେଉଥିବା ବେଳେ ହାଡଥରା ଜାଡ ଶୀତ ଋତୁରେ ଫୁଲ ସ୍ପିଡ୍‌ରେ ଫ୍ୟାନ୍ ଘୁରିବ। ଏସି ଚାଲିବ। ବେଶ୍ କିଛି ବର୍ଷ ହେବ ନିରାମିଶାଷୀ ହୋଇଛି ମୁଁ। ଶୁଦ୍ଧ ଶାକାହାରୀ । ସେଥିକୁ ତାଙ୍କ ରାଗ କାହିଁରେ କ'ଣ ? ତମେ ଆମିଷ ଛାଡିଚ ନା ବୁଦ୍ଧୁ ବନଉଚ ଆମକୁ ? ଆମ ଆମିଷ ଖିଆ ତମେ ସହିପାରୁନ। ପାଟିରେ ମାଛ ମାଂସ ଟିକେ ବାଜିଲାନି। ନିଜେ ଆମିଷ ଖାଉଥିବା ବେଳେ ଦିନ ନାହିଁ କି ରାତି ନାହିଁ ଆଇଷ ଗନ୍ଧରେ ନାକ ଫାଟି ପଡୁଥିଲା । ଭଳି କି ଭଳି ବରାଦ । ଆଉ ଏବେ ବିରାଡି ବୈଷ୍ଣବ ସାଜିଛ ? ଆମ ସୁଖ ତମର ହଜମ ହେଉନି ! ଆମିଷ ଖାଇଲେ କହିବ ତମେ ପଶୁ ଭଳିଆ ହାଡ ଗୋଡ କଣ୍ଟା ଚୋବାଉଛ ? ଛାଡିଲେ ବିରାଡି ବୈଷ୍ଣବ ! ଘରେ ନ ରହିଲେ ବୁଢା କାଳରେ ଭୀମ ରତି। ଖଟିରେ ବସି ପର ଝିଅ ବୋହୂଙ୍କ ନାଁରେ ଚର୍ଚ୍ଚା କରିବ। ପର ସ୍ତ୍ରୀକୁ ଚାହିଁ ଗୀତ ଗପ ଲେଖିବ । ଘରେ ରହିଲେ ଛି ଛି ଦିନ ସାରା ଖଟରେ ଶୋଇଛ । ମିଛ ଠିକଣା ଦେଇ ଫେସ୍ ବୁକ୍ ହ୍ୱାଟସ୍ ଆପ୍ ଚାଟିଂ କରୁଛ ? ଯିବି କେଉଁଠିକୁ ? କେଉଁଠି ମୋ ନିରାପଦ ନିରୁପଦ୍ରବ ଆଶ୍ରୟ ?

ମୋର ଶୁଦ୍ଧିକରଣ ପ୍ରକ୍ରୀୟା ଆରମ୍ଭ ହୋଇ ଦ୍ରୁତ ଗତିରେ ଆଗେଇ ଚାଲିଛି । ଝିଅମାନେ ବୋଉକୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । କୋଭିଡ ହାସପାତାଳର ସଂଗରୋଧୀ ରୋଗୀଙ୍କ ପରି ମୋ ଦିନ ଚର୍ଚ୍ଚା ନିୟନ୍ତ୍ରିତ । ବନଶୀ ଖଡାରେ ଲାଗିଥିବା ମାଛ ପରି ମୋ ଅବସ୍ଥା । ନିୟନ୍ତ୍ରଣ କର୍ତ୍ତ୍ରୀ ସ୍ୱୟଂ ଶ୍ରୀମତୀ। ମୁଁ ତାଙ୍କ ନିକଟରେ ନିଜକୁ ନିତାଇ ଗୌରଙ୍କ ଭଳି ସମର୍ପି ଦେଇଛି। ଦେହୀ ପଦ ପଲ୍ଲବ ମୁଦାରମ । ମମ ଶିରସୀ ମଣ୍ଡନମ । କେବଳ ଏଇ ସମୟ ଟିକକ ପାଇଁ ମୁଁ ସ୍ୱାଧୀନ । ଏବେ ଶ୍ରୀମତୀ ଶୋଇଛନ୍ତି ।

*ବାହାଳ, ବାଲେଶ୍ୱର-୭୫୬୦୬୦*
*ମୋ-୯୪୩୮୩୨୨୨୧୪/ ୯୬୫୮୪୪୯୨୦୦*

# ଯୋଗୀ ପ୍ରଶ୍ନ

**ସ୍ମିତା ପଣ୍ଡା**

ଲଗା ହେଲା ନୋଟିସ ଏବେ ଜାଗା ଛାଡ
କଟାହେଲା ଗଛ ଫଟାହେଲା ପାହାଡ।
ଖେତ କଣ ଭାତ ଦିଏ ବସୁଚ ଆବୋରି
ଆସ ଆସ କାମ କର ମିଳିବ ମଜୁରୀ।

ହାଡର ପଥରକୁ ରକ୍ତରେ ଯୋଡେଇ
ଶହେ ଆଠ ହାତ ଲମ୍ବ ମନ୍ଦିର ଗଢେଇ।
ବାର ହାତ ପତାକା ସିଇଁଲେ ସଭିଏଁ
ବାନ୍ଧିଲେ ଚୂଡାରେ ନେଇ ଉଡୁଥିଲା ଘାଏଁ।

ଭିତର ବାହାର ସାରା ମନ୍ଦିର କାନ୍ଥରେ
ଅଙ୍କାହେଲା ଚିତ୍ର କେତେ ଭୂଇଁଠୁ ଉପରେ।
ଅନ୍ନ ଜଳ ମୋହ ସତ୍ୟ ସ୍ୱର୍ଣ୍ଣ ସିଂହାସନ
ଭୋକମାନେ ଧାଡି ଦେଲେ କରି ଜୟଗାନ।

ରୂପରେଖ ନାହିଁ ମାହାପୁରୁ ଶୂନ୍ୟଦେହୀ
ଆରୋହିଲେସିଂହାସନଦେହଗୋଟେ ପାଇ।
ସହସ୍ର ପାହାଚ ତଳେ ଅଟକିଲା ପାଦ
ଭୋକ ଆଉ ମାହାପୁରୁ ଅନେକ ପ୍ରଭେଦ।

ଗଢିଥିଲା ଯେଉଁ ହାତ ପାରେନାହିଁ ଛୁଇଁ
ଏତେ ବଡ କଳା କିଏ ବୁଝିପାରେ ନାହିଁ।
କୋଶେ ଦୂରେ ଠିଆ ହେଇ ନଇଁ ସରିଯାଏ
ବାଆ କାଳେ ବାୟା ସବୁ ମାରା କରିଦିଏ।

ଜ୍ଞାନୀ ଜେମାମଣି କହ ମୋର ଜାଣିବାକୁ
ଦିଅଁ ଗଢେ ମଣିଷକୁ ନା ମଣିଷ ଦିଅଁକୁ।
କାହାର ଆକାଶ ଆଉ ମାଟି କାହା ଲାଗି
କେନ୍ଦେରା ବଜେଇ ନିତି ପଚାରୁଚି ଯୋଗୀ।

*ବରଗଡ*



# ଏକ କୋଠରୀର ଗାଥା

**ମୂଳ ଅହମିୟା- ମିନ୍ତୁଲ ହଜାରିକା**
**ଅନୁସୃଜନ- ସୁଶୀଲ କୁମାର ପାଣିଗ୍ରାହୀ**

ଅନ୍ଧାରରେ ବୁଡିରହିଥିବା
ଏକ କୋଠରୀକୁ
ଦିନେ ପଶି ଆସିଲା ପବନ ଓ
ବସିପଡ଼ିଲା ପଢ଼ା ଟେବୁଲ ଚୌକିରେ

କୋଠରୀର ଠିକ୍ ପଛପଟେ
ଗହଳ ବୋରଝାଞ୍ଜି ମଝିରେ ମଝିରେ
ବତକଦଳ ନାଚି ନାଚି ବନଗୀତ
ଗାଇବା ଆରମ୍ଭ କରିଦେଲେ

ସେଇ ମଧୁର ସୁର
ଅନ୍ଧକାରକୁ ଚିରି କୋଠରୀରେ
ବୋଳିଦେଲା ମହୁ
ଅନେକ ଶତାବ୍ଦୀ ପରେ
ସେଇ ନୀରବ କୋଠରୀକୁ
କମ୍ପିତ କଲା କିଛି ଶବ୍ଦ

କାନ୍ଥରେ ଝୁଲୁଥିବା ଘଡ଼ି ବି
ଏଇ ଆନନ୍ଦ ଉଲ୍ଲାସର ପରବରେ
ହଳଦୀ ପରି ହଳଦିଆ ହସରେ
ଧୋଇ ପକାଇଲା ମୁହଁ

କୋଠରୀର ହୃଦୟ
ବଦଳିଗଲା ଧିରେ ଧିରେ
ଏକ ଉତ୍ସବରେ



ବ୍ୟାକୁଳ ମନ ସହ
ବସନ୍ତ ମୁକୁଳା କେଶକୁ
ଜୁଡା କରି
ବାନ୍ଧିଦେଲା ଅତି ଯତନରେ

ଏବେ ଏଇ ଜୁଡାରେ
ରହିଛି ପୁରା ଏଇ ବ୍ରହ୍ମାଣ୍ଡ।

*କଲ୍ୟାଣୀ ରେସିଡେନ୍ସି, ଜଲାନ ଗଳି, ଫ୍ଲାଟ୍ -୨୦୩, ମୁଦିପଡ଼ା, ସମ୍ବଲପୁର-୨*
*ଫୋନ୍-୯୪୩୭୮୦୫୯୬୧*

# ନିର୍ଲେପ ପରଂବ୍ରହ୍ମ

**ଅନସୂୟା ପଣ୍ଡା**

ଆଦ୍ୟ ଓଁକାରରେ
ଓହ୍ଲେଇ ଆସ ପଦ୍ମପାଦ ଥାପି
ଭାଦ୍ରବର ଅନ୍ଧାରକୁ ଭେଦି
ପ୍ରକାଶରେ ପରିବ୍ୟାପ୍ତ ନିର୍ଲେପ
ପ୍ରାଚୀ ଆକାଶର ଜ୍ୟୋତି।

ପଦ୍ମଲୋଚନରେ ପଢିପାର
ଜୀବଠୁ ନିର୍ଜୀବର ଗତି
ସୂକ୍ଷ୍ମରୁ ବିଶାଳ ସୃଷ୍ଟିର ସ୍ଥିତି
ଅଘୋଷିତ ଆଶିଷର ଅଞ୍ଜନ

ଝରିଯାଏ ଦେଇ ମୋକ୍ଷ ଆଉ ମୁକ୍ତି।
ବତୁରା ଆବେଗ ଆଚ୍ଛନ୍ନ

ଶ୍ରୀହସ୍ତରୁ ଖସିପଡେ ଆଶିଷର ମଣି
କ୍ଷଣକ୍ଷଣ ଉନ୍ମାଦନା ଶିଥିଳ ପଡିଯାଏ

ଶାନ୍ତିର ପ୍ରେମଗଙ୍ଗା ନିଷ୍ଠାୟକ ସାଜି
ଝରିଯାଏ ମଧୁଲଗ୍ନ ହେଇ
କେତେଜନ୍ମ ପାପ ଧୋଇଯାଏ
ତୁମକୁ ଅନାଇ।

ଓଠରେ ଚାପା ହସ ଅଦୃଶ୍ୟରେ
ଆଶ୍ୱାସନା ଆକାଶରୁ ଅନ୍ତରୀକ୍ଷ
ବସୁଧାରୁ ଭୁଲୋକକୁ ବହେ
ନିର୍ମୋହ କାମନା ବିନ୍ଦୁ ବିନ୍ଦୁ।
ନୀଳବର୍ଣ୍ଣ ହୁଏ।

ଯମୁନାର ଛାତି ଛୁଏଁ ଯେବେ ତୋ ପୟର
ଉଚ୍ଛୁଳା ଯମୁନା ହୁଏ ଲାଜ ଲାଜ
ଗୋପପୁରେ ଅଧୀର ଖୁସିର ଲହର
ଦିବ୍ୟଭୂମି ଦିବ୍ୟଲୀଳା ଦିବ୍ୟାଶିଷ।

ଅଭୟହସ୍ତର ପରଶ ପାଇଁ
ଦେବତା ହୁଅନ୍ତି ନର
ତୁମେ ନିରାକାର ବ୍ରହ୍ମରେ ପରଂବ୍ରହ୍ମ
ତୁମ ପାଦେ କୋଟିଏ ନମନ।

*ଭୁବନେଶ୍ୱର*
*ମୋ-୯୪୩୯୨୧୧୯୭୧*

# ତୁ ନାହୁଁ ବୋଲି

**କୈଳାସ ଚନ୍ଦ୍ର ସାହାଣୀ**

ଆ ...ଥରେ ବାନ୍ଧି ଦେ ମୋ ଶୂନ୍ୟ ହାତରେ
ତୋ ହାତରେ ରେଶମୀର ଡୋର,
ମୁଁ ପୁଲକିତ ହୁଏ
ପଲ୍ଲବିତ ହୁଏ
ତୋ ରାକ୍ଷୀର ପବିତ୍ର ବନ୍ଧନରେ !

ଆଉ ଥରେ ଶୁଣାଇ ଦେ
ତୋ ଚପଳ ଓଷ୍ଠରୁ
ସେଇ ନିଃସର୍ତ୍ତ ସମର୍ପଣର ଗୀତି,
ଶୁଣାଇ ଦେ ତୋ ପାଉଁଜିର ଛମ୍‌ଛମ୍
ଦରୋଟି ଚାଲିର ଗୁଞ୍ଜନ,
ମୋ ଅଭିଶପ୍ତ ପ୍ରାଣରୁ ସଞ୍ଚରିଯାଉ
ମୁଠାଏ ମାଦକତା !

କେମିତି ଉଜୁଡି ଯାଇଛି ଆମ ଫୁଲ ବଗିଚା
ପକ୍ଷୀମାନେ ବି ନିରବ ନିଶ୍ଚୁପ୍,
ଟୁବି ଗାଡିଆରେ ଫୁଟୁନାହିଁ
ସେଦିନର ନୀଳ କଇଁ
ତୁ ଜଳ ସମାଧି ନେଇଥିବା ସେ
ଗାଡିଆ ବି ହଜିଗଲାଣି କେବେଠୁ
ଦେଢ ବର୍ଷର କଅଁଳ ପାଦ
ଏବେ ବି ଛବି ହୋଇ ନାଚୁଚି
ମୋ ମାନସ ପଟ୍ଟରେ !



ମୁଁ ଜାଣେ,
ତୁ ଆସିବୁନି ଆଉ ଏ ଅନ୍ଧାରୀ ସମାଜକୁ
ଭୟ, ଭ୍ରାନ୍ତିରେ ଦିନ କାଟିବୁନି,
ହାତେ ମାପି ଚାଖଣ୍ଡେ ଚାଲିବାର ସନ୍ତର୍ପଣା
ଶିଖିବୁନି ଆଉ,
ମାପି ଚୁପି କହିବୁନି କଥା;
ତୁ ନାହୁଁ ବୋଲି
କେବେ ଠୁ ଭୁଲିଛି ମୁଁ ଭଗିନୀ ଆଦର
ଫାଟିପଡେ ନିରୋଳାରେ
କେବେ ବି ଅନ୍ତର,
ତଥାପି ପ୍ରତୀକ୍ଷା ତୋର
ଆସନ୍ତୁ କି ସପନରେ ଥରେ
ବାନ୍ଧି ଦିଅନ୍ତୁ ମୋ ଅଭିଶପ୍ତ ଶୂନ୍ୟ ହସ୍ତରେ
ପବିତ୍ର ରେଶମୀର ଡୋର,
ମୁଁ ମରି ମରି ଜିଉଁଥାନ୍ତି
ଏଇ ମାଟିର ଛାତିରେ ବାର ବାର !!



ତୁ ନାହୁଁ ବୋଲି
ଏବେ ବି ଶୂନ୍ୟ ମୋର ହାତ,
ଅସଂପୂର୍ଣ୍ଣ ଗୋଟେ ଝାଟି ମାଟି ଘର,
ବେଦନାକ୍ତ ଅଗଣାରେ
ସ୍ମୃତି ହୋଇ ଝଳେ ଦୁଇ ପାଦ !
ଶ୍ରାବଣ ଅଶ୍ରୁ ହୋଇ ଝରିଯାଏ
ଆଦ୍ର ଦୁଇ ଆଖି ପତା ଧାରେ ଧାରେ
ଲୁଣି ଲୁହ ଚୁମୁଥାଏ ଓଠ ଉପକୂଳ !

ତୁ ନାହୁଁ ବୋଲି 'ଲତିକା'

*ଲକ୍ଷ୍ମୀନଗର, ବଡବିଲ, କେନ୍ଦୁଝର*
*ମୋ-୯୪୩୭୮୪୩୨୧୯*

# ବିଶ୍ୱାସ

**ବିନୟା ନନ୍ଦ ବସ୍ତ୍ୟସ୍ୟ**

ବିଶ୍ୱାସ ଏପରି ଆବେଗ ଅଟଇ
ମନ ବିବେକ ବିଚାର,
ଯହିଁ ଏକଜୁଟ୍ ହୋଇ କରିଥାନ୍ତି
ବିଶ୍ୱାସୀ ହୁଅଇ ତାର।

ଛଳନା କି ଘୃଣା ପ୍ରତାରଣା ଭଣ୍ଡ
ପ୍ରଥମେ ପାଇଲେ ସ୍ଥାନ,
ବିଶ୍ୱାସ ତେଜଇ ଅବିଳମ୍ବେ ତହିଁ
ହତାଦର ଅପମାନ।

ଆସ୍ଥା ଭରସାର ପୁନଃ ପୁନଃ ଭାବ
ଯହିଁ ହୁଅଇ ପ୍ରକଟ,
ସେଠାରେ ବିଶ୍ୱାସ ସ୍ଥାପନ ହୁଅଇ
ବାସ୍ତବ କରେ ପ୍ରଘଟ।

ମିଛ ସତ କହି ବିଶ୍ୱାସ ଜନ୍ମାଇ
କେହି ନୋହେ ଆପଣାର,
ତୁମକୁ ବିଶ୍ୱାସ କରଇ ଯେ ଜନ
ନ ଭାଙ୍ଗ ବିଶ୍ୱାସ ତାର।

# ସର୍ବେ ଯିବେ ଦିନେ ତରି

**ଶ୍ୟାମା ପ୍ରସାଦ ମିଶ୍ର**

ସଶରୀରେ ଜାତ ହେଲେ ଏ ମରତେ
ସୁର ହେଲେ ମଧ ମରେ
ଶରୀର ଧରିଲେ ମରଣ ନିଶ୍ଚିତ
ସତେ କିଏ ଏଡ଼ି ପାରେ ।୧

ସାରା ଜୀବନଟା ଜଞ୍ଜାଳରେ ବ୍ୟସ୍ତ
ହେଲେ ଯେତେ ଲଟପଟ
ସଭିଏଁ ଜାଣୁଛୁ ସମୟ ପୂରିଲେ
ଆତ୍ମା ଛାଡିଦେବ ଘଟ । ୨

ସହସା ଜନମୁଁ ମରଣ ମଝିରେ
ଜୀବନ ସଉଦା ହାଟ
ସାଧୁ ବି ଜାଣେନା କେତେବେଳେ କା'ର
ସରିବ ଜୀବନ ନାଟ। ୩

ସଙ୍ଗେ ଘଟ ଛାଡି ଆତ୍ମା ଧାଇଁଯାଇ
ନୂଆଁ ଘଟେ କରେ ବାସ,
ସୁନ୍ଦର ବିଧିର ବିଧାନ ଧରିଣ
ଘଟୁଁ ଘଟେ ଯାଆ ଆସ ।୪

ଶରୀର ଅମର ପାଅଇ ମନୁଷ୍ୟ
ଊଣା ନୁହେଁ ତାର ଦମ,
ଶୌର୍ଯ୍ୟ ଯେତେ ଥାଉ ବଳ ବପୁ ମଧ
ଛାଡି ଦିଏ ନାହିଁ ଯମ । ୫

ସହଜେ ଜୀବନ ପାଣିର ଫୋଟକା
କେତେବେଳେ ଯିବ ଫାଟି
ସଖା, ପତ୍ନୀ, ପୁତ୍ର ମୋର ବୋଲି ହେଲେ
ମିଶିବ ତ ଦିନେ ମାଟି । ୬

ସାରଙ୍ଗଧର ହେ ନୀଳାଚଳୁ ଆସ
ନବ କଳେବର ଧରି
ସତ୍ୱରେ ବୁଝେଇ ଦିଅ ଅବୁଝାକୁ
ସର୍ବେ ଯିବେ ଦିନେ ମରି ।
ସଭିଏ ତ ଯିବେ ତରି ।।୭

*ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ*
*ଭ୍ରାମ୍ୟଭାଷ-୯୦୯୦୫୦୭୯୫୫*

# ମହଙ୍ଗା

**ଡ଼ ସୀତାକାନ୍ତ ତ୍ରିପାଠୀ**

ଏଠି ଜୀବନଟା ଭାରି ଶସ୍ତା କିନ୍ତୁ ଚାକିରିଟା ଭାରି ମହଙ୍ଗା,
ମରିଗଲେ କ୍ଷତି ପୂରଣ ଦେଇଦିଅ ବଞ୍ଚିଯାଉ
ଭାବମୂର୍ତ୍ତି ଆଉ ଲିଭି ଯାଉ ଯେତେ ସବୁ କଳଙ୍କର କାଳିମା।
ଏଠି ଝିଅର ଇଜ୍ଜତଟା ଭାରି ଶସ୍ତା କିନ୍ତୁ ପୁଅର ଚରିତ୍ରଟା ଭାରି ମହଙ୍ଗା,
ଇଜ୍ଜତ ଲୁଟି ସାରିବା ପରେ ଦିଆଯିବ ଧମକ, ସାନ୍ତ୍ୱନା,
କିଛି ଉପହାର ଆଉ ନିଜକୁ କରିଦିଆଯିବ ବିଶୁଦ୍ଧ ଗଙ୍ଗା।
ଏଠି ଦଙ୍ଗାଟା ଭାରି ଶସ୍ତା କିନ୍ତୁ ଧର୍ମଟା ଭାରି ମହଙ୍ଗା,
ଯେତେସବୁ ବିଭେଦ ତିଆରି କରିସାରିବା ପରେ
ଚାଲେ ଶାନ୍ତି ଆଲୋଚନା ଆଉ ଖୋଜପଡେ ଏକତାର ପ୍ରଜ୍ଞା।
ଏଠି ପ୍ରତାରଣାଟା ଭାରି ଶସ୍ତା କିନ୍ତୁ ପ୍ରେମଟା ଭାରି ମହଙ୍ଗା,
ପ୍ରେମୀ ଯୁଗଳ ବିଶ୍ୱାସର ପରିଧିକୁ ଡେଇଁସାରିବା ପରେ
ଖୋଜି ହୁଅନ୍ତି ପ୍ରେମର ସ୍ୱରୂପ ଆଉ ସଂଜ୍ଞା।
ଏଠି ବୃକ୍ଷଲତା ଭାରି ଶସ୍ତା କିନ୍ତୁ ପରିବେଶଟା ଭାରି ମହଙ୍ଗା,
ଜଙ୍ଗଲ କାଟି ସାରି, ଜୀବଜନ୍ତୁଙ୍କୁ ମାରି ସାରିବା ପରେ ମନେପଡ଼େ
ପୂର୍ବର ସ୍ମୃତି ଆଉ ଅଦ୍ୱିତୀୟ ଜୈବ ବିବିଧତା।

*ତଳଗୋପବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*

# ଡାଇମଣ୍ଡ ଲିଗ୍ ଫାଇନାଲ ପାଇଁ କ୍ୱାଲିଫାଏ କଲେ ନୀରଜ ଚୋପ୍ରା




**ନୂଆଦିଲ୍ଲୀ**

ଭାରତର ଷ୍ଟାର୍ ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ଡାଇମଣ୍ଡ ଲିଗ୍ ଫାଇନାଲ୍ସ ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ନୀରଜ ଏହି ସିଜିନ୍‌ର ପାଞ୍ଚଟି କ୍ୱାଲିଫାଇଙ୍ଗ୍ ମୁକାବିଲା ମଧ୍ୟରୁ ମାତ୍ର ଦୁଇଟିରେ ଭାଗ ନେଇଥିଲେ। ଏହା ସତ୍ତ୍ୱେ ମଧ୍ୟ ସେ ଟପ୍-୬ ମଧ୍ୟରେ ରହି ଫାଇନାଲ୍ସରେ ପହଞ୍ଚି ଯାଇଛନ୍ତି। ସେପ୍ଟେମ୍ବର ୪ ଏବଂ ୫ ତାରିଖରେ ବେଲଜିୟମ୍‌ର ବ୍ରୁସେଲ୍ସରେ ଡାଇମଣ୍ଡ ଲିଗ୍ ଫାଇନାଲ୍ସ ଆୟୋଜିତ ହେବ।

ନୀରଜ ଚୋପ୍ରା ଏହି ସିଜିନ୍‌ରେ ଦୁଇଟି ଡାଇମଣ୍ଡ ଲିଗ୍‌ରେ ଭାଗ ନେଇଥିଲେ ଏବଂ ମୋଟ ୧୨ ପଏଣ୍ଟ ହାସଲ କରିଥିଲେ। ଏହିପରି ଭାବେ ସେ ପଏଣ୍ଟ ଟେବୁଲ୍‌ର ଷଷ୍ଠ ସ୍ଥାନରେ ରହିଛନ୍ତି। ୨୭ ଅଗଷ୍ଟ ରାତିରେ ସ୍ୱିଜରଲାଣ୍ଡରେ ଜ୍ୟୁରିଖ୍ ଡାଇମଣ୍ଡ ଲିଗ୍ ଆୟୋଜିତ ହୋଇଥିଲା। ନୀରଜ ଚୋପ୍ରା ଏଥିରେ ଭାଗ ନେଇନଥିଲେ। ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପଥିରାଜ ୯୨.୦୭ ମିଟରର ଥ୍ରୋ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ସର୍ବଶ୍ରେଷ୍ଠ ଥ୍ରୋ ଅଟେ। ଜୁନ୍ ମାସରେ ରୋମ୍ ଡାଇମଣ୍ଡ ଲିଗ୍‌ରେ ସେ ୯୨.୬୨ ମିଟରର ଥ୍ରୋ କରିଥିଲେ।

୨୩ ବର୍ଷୀୟ ରୁମେଶ ପାଞ୍ଚଟି ଇଭେଣ୍ଟରୁ ୩୯ ପଏଣ୍ଟ ହାସଲ କରି କ୍ୱାଲିଫିକେସନ୍ ଟେବୁଲ୍‌ରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ପାଞ୍ଚଟି ମଧ୍ୟରୁ ଚାରିଟି ମୁକାବିଲା ଜିତିଥିଲେ। ଯେତେବେଳେ କି ରବାତରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନୀରଜ ଚୋପ୍ରା ନିଜର ଡାଇମଣ୍ଡ ଲିଗ୍ ଅଭିଯାନ ଦୋହାରୁ ଆରମ୍ଭ କରିଥିଲେ, ଯେଉଁଠାରେ ସେ ୮୫.୬୯ ମିଟରର ଥ୍ରୋ କରି ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଏହାପରେ ସେ ୨୧ ଅଗଷ୍ଟରେ ଲୁସେଲ୍ ଡାଇମଣ୍ଡ ଲିଗ୍‌ରେ ୮୮.୦୫ ମିଟରର ସିଜିନ୍ ବେଷ୍ଟ ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ।

ଡାଇମଣ୍ଡ ଲିଗ୍‌ରେ ଖେଳାଳିମାନଙ୍କୁ ପ୍ରତ୍ୟେକ ପ୍ରତିଯୋଗିତାରେ ସେମାନଙ୍କ ପ୍ରଦର୍ଶନ ଆଧାରରେ ପଏଣ୍ଟ ଦିଆଯାଇଥାଏ। ଶୀର୍ଷ ଆଠ ଜଣ ଖେଳାଳିଙ୍କୁ ୮ ରୁ ୧ ପଏଣ୍ଟ ପର୍ଯ୍ୟନ୍ତ ମିଳିଥାଏ ଏବଂ ସିଜିନ୍ ଶେଷରେ ସବୁଠାରୁ ଅଧିକ ପଏଣ୍ଟ ହାସଲ କରିଥିବା ଛଅ ଜଣ ଖେଳାଳି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରନ୍ତି।

ଡାଇମଣ୍ଡ ଲିଗ୍ ଫାଇନାଲ୍ସ ସେପ୍ଟେମ୍ବର ୪ ଏବଂ ୫ ତାରିଖରେ ଆୟୋଜିତ ହେବ। ଏଥିରେ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଭାରତୀୟ ସମୟ ଅନୁଯାୟୀ ସେପ୍ଟେମ୍ବର ୬ ତାରିଖ ରାତି ୧୨ଟା ୧୦ ମିନିଟ୍‌ରେ ଆରମ୍ଭ ହେବ। ପ୍ରଶଂସକମାନେ ଏହି ଇଭେଣ୍ଟକୁ ଡାଇମଣ୍ଡ ଲିଗ୍‌ର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧାସଳଖ ପ୍ରସାରଣ ଦେଖିପାରିବେ।

# ପ୍ରଥମ ଭାରତୀୟ ଭାବେ ଗ୍ରାଣ୍ଡ ଚେସ୍ ଟୁର୍ ଟାଇଟଲ୍ ଜିତିଲେ ପ୍ରଜ୍ଞାନନ୍ଦ

**ସେଣ୍ଟଲୁଇସ୍**




ଭାରତୀୟ ଚେସ୍ ଷ୍ଟାର୍ ଆର୍ ପ୍ରଜ୍ଞାନନ୍ଦ ଆଉ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଏହି ୨୦ ବର୍ଷୀୟ ଗ୍ରାଣ୍ଡମାଷ୍ଟର ଆମେରିକାରେ ଖେଳାଯାଇଥିବା ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲ୍ସ ୨୦୨୬ ଟାଇଟଲ୍ ଜିତି ନୂଆ ଇତିହାସ ଲେଖିଛନ୍ତି। ଏହା ସମେତ ସେ ଗ୍ରାଣ୍ଡ ଚେସ୍ ଟୁର୍ ଜିତିଥିବା ପ୍ରଥମ ଭାରତୀୟ ଖେଳାଳି ହୋଇଯାଇଛନ୍ତି। ଫାଇନାଲ୍ ମୁକାବିଲାରେ ପ୍ରଜ୍ଞାନନ୍ଦ ଆମେରିକାର ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ୧୫-୧୩ ସ୍କୋରରେ ପରାସ୍ତ କରିଥିଲେ। ଏହି ବିଜୟ ପରେ ପ୍ରଜ୍ଞାନନ୍ଦଙ୍କୁ ପୁରସ୍କାର ରାଶି ବାବଦରେ ୨ ଲକ୍ଷ ଆମେରିକୀୟ ଡଲାର ଅର୍ଥାତ୍ ପ୍ରାୟ ୧.୯ କୋଟି ଟଙ୍କା ମିଳିଛି।

ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲ୍ସର ଚାମ୍ପିଅନ୍ ହେବା ଆର୍ ପ୍ରଜ୍ଞାନନ୍ଦାଙ୍କ ପାଇଁ ଏତେ ସହଜ ନଥିଲା। ଏହି ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କୁ ଫାଇନାଲର ପ୍ରଥମ କ୍ଲାସିକାଲ୍ ମୁକାବିଲାରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ଦ୍ୱିତୀୟ ମୁକାବିଲା ଡ୍ର' ରହିଥିଲା। ଏହାପରେ ସେ ୬ ପଏଣ୍ଟ ପଛରେ ଚାଲୁଥିଲେ। ଏହା ସତ୍ତ୍ୱେ ମଧ୍ୟ ପ୍ରଜ୍ଞାନନ୍ଦ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ଉଭୟ ରାପିଡ୍ ମୁକାବିଲା ଜିତି ନେଇଥିଲେ। ଏହାଦ୍ୱାରା ସେ ଫାବିଆନୋ କାରୁଆନାଙ୍କ ଉପରେ ଅଗ୍ରଣୀ ହାସଲ କରିଥିଲେ। ଏହାପରେ ବ୍ଲିଟ୍ଜ ଷ୍ଟେଜ୍‌ରେ ମଧ୍ୟ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ଶେଷ ମୁକାବିଲାରେ ତାଙ୍କୁ କେବଳ ଡ୍ର' କରିବାର ଆବଶ୍ୟକତା ଥିଲା ଏବଂ ସେ ନିଜର ଧୈର୍ଯ୍ୟ ବଜାୟ ରଖି ମ୍ୟାଚ୍‌କୁ ଡ୍ର' କରି ଟାଇଟଲ୍ ନିଜ ନାମରେ କରିଥିଲେ।

ଟୁର୍ଣ୍ଣାମେଣ୍ଟଟି ସିଙ୍ଗଲ୍-ଏଲିମିନେସନ୍ ନକଆଉଟ୍ ଫର୍ମାଟ୍‌ରେ ଖେଳାଯାଇଥିଲା। ଯେଉଁଥିରେ ଚାରି ଜଣ ଖେଳାଳି ଫାବିଆନୋ କାରୁଆନା, ୱେସଲି ସୋ, ଭିନସେଣ୍ଟ କୀମର ଓ ପ୍ରଜ୍ଞାନନ୍ଦ ଭାଗ ନେଇଥିଲେ।

ପ୍ରଜ୍ଞାନନ୍ଦ ଗତ ପ୍ରାୟ ଏକ ମାସ ହେବ ଆମେରିକାର ସେଣ୍ଟ ଲୁଇସ୍ ଚେସ୍ କ୍ଲବ୍‌ରେ କ୍ରମାଗତ ଭାବେ ଖେଳିଆସୁଛନ୍ତି। ଏହି ସମୟ ମଧ୍ୟରେ ସେ ପ୍ରଥମେ ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଟ୍ଜ ଟୁର୍ଣ୍ଣାମେଣ୍ଟ ଜିତିଥିଲେ। ଏହାପରେ ସିନକଫିଲ୍ଡ କପ୍‌ରେ ଉପବିଜେତା ମଧ୍ୟ ହୋଇଥିଲେ ଏବଂ ବର୍ତ୍ତମାନ ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲ୍ସର ଟାଇଟଲ୍ ନିଜ ନାମରେ କରିଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଫଳାଫଳ ସହିତ ଆଗାମୀ ସିଜିନ୍ ଅର୍ଥାତ୍ ୨୦୨୭ ଗ୍ରାଣ୍ଡ ଚେସ୍ ଟୁର୍ ପାଇଁ ଶୀର୍ଷ ୩ ଜଣ ଖେଳାଳି ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ୩ ଜଣ ଖେଳାଳିଙ୍କ ମଧ୍ୟରେ ଚାମ୍ପିଅନ୍ ପ୍ରଜ୍ଞାନନ୍ଦ, ରନର୍ସଅପ୍ ଫାବିଆନୋ କାରୁଆନା ଓ ତୃତୀୟ ସ୍ଥାନରେ ଥିବା ୱେସଲି ସୋ ସାମିଲ ଅଛନ୍ତି।

# ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ, ଯୋଡ଼ି ହେଲେ କେନ୍ଦ୍ରାପଡ଼ାର ଆଥଲେଟ୍

**କେନ୍ଦ୍ରାପଡ଼ା**

ଇଭିନିଙ୍ଗ କଲେଜ ପରିସରରେ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅନ୍ତର୍ଜାତୀୟ ଭଲିବଲ ଖେଳାଳି ଶିବାନୀ ପ୍ରିୟଦର୍ଶିନୀ କଲେଜରେ ଅତିଥି ଭାବେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭର୍ଚ୍ୟୁଆଲ୍ ଖେଲୋ ଇଣ୍ଡିଆ ସଂଳାପରେ ଅଂଶଗ୍ରହଣ କରିଛନ୍ତି। ଭାରତକୁ ଅଧିକ କ୍ରୀଡ଼ାରେ ପାରଦର୍ଶୀ ହେବା ଏବଂ ଏକ ମଜଭୁତ କ୍ରୀଡ଼ା ପରିବେଶ ଗଠନ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିବା ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ମାଧ୍ୟମରେ ଯୁବ ଆଥଲେଟ୍ ଏବଂ ଯୁବ ନେତାମାନଙ୍କ ସହ ଆଲୋଚନା କରିଥିଲେ। କ୍ରୀଡ଼ା କେବଳ ପଦକ ଜିତିବା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ସୁସ୍ଥ ଜୀବନ, ଯୁବ ସଶକ୍ତିକରଣ ଏବଂ ନିଶାମୁକ୍ତ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ୨୦୩୬ ଅଲିମ୍ପିକ୍ସ ଲକ୍ଷ୍ୟ ନେଇ ଆଲୋଚନାରେ ତୃଣମୂଳ ସ୍ତରରୁ ପ୍ରତିଭା ଗଠନ ଏବଂ ବିଶ୍ୱ ସ୍ତରରେ ଭାରତର ସ୍ଥିତିକୁ ମଜଭୁତ କରିବା ପାଇଁ ଅଧିକ କ୍ରୀଡ଼ାରେ ପାରଦର୍ଶୀ ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଶିବାନୀ ପ୍ରିୟଦର୍ଶିନୀ କୁହନ୍ତି, 'ଆଜି ଭାରତର ବିକଶିତ ଯୁବ କାର୍ଯ୍ୟକ୍ରମରେ ମୋତେ ଅତିଥି ଭାବରେ ଡକାଯାଇଥିଲା। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସହିତ କଥା ହେଲୁ, ସିଧାସଳଖ ଭାବେ ତାଙ୍କ ସହିତ ଯୋଡ଼ି ହେଲୁ। ଭାରତର ବିଭିନ୍ନ ଖେଳାଳିମାନେ କଥା ହେଲେ। ତୃଣମୂଳ ସ୍ତରର ପିଲାମାନେ କେମିତି ସୁଯୋଗ ପାଇବେ ଖେଲୋ ଇଣ୍ଡିଆ ଭଳିଆ ବଡ଼ ପ୍ଲାଟଫର୍ମରେ ପିଲାଙ୍କୁ ସୁଯୋଗ ମିଳିବ ତାହା ବହୁତ ବଡ଼ କଥା। ମୁଁ ତିନିଥର ଆନ୍ତର୍ଜାତୀୟ ସ୍ତରରେ ବିଚ୍ ଭଲିବଲ୍ ଖେଳିଛି ଏବଂ ୨୨ ଥର ଜାତୀୟ ସ୍ତରରେ ଖେଳିଛି। ଆଗକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ଅଛି ସେଥିପାଇଁ ମୁଁ କିଟ୍ ୟୁନିଭର୍ସିଟିରେ ମୋର ଅଭ୍ୟାସ ଜାରି ରଖିଛି। ଆଗକୁ ଖେଳାଳୀ ମାନେ ଯଦି କୌଣସି ପ୍ରକାର ଖେଳକୁ ଆସିବାକୁ ଚାହୁଁଛନ୍ତି ସେମାନେ ନିଜ ଖେଳ ପ୍ରତି ଉତ୍ସର୍ଗ ଆଉ ଗୋଟିଏ ହେଉଛି ଶୃଙ୍ଖଳାରେ ରଖିଲେ ସଫଳତା ସୁନିଶ୍ଚିତ''।

ସେ ତାଙ୍କ ସଫଳତା ପାଇଁ ବାପା-ମାଆ, କୋଚ୍ ଓ କିଟ୍ ୟୁନିଭର୍ସିଟିକୁ ଧନ୍ୟବାଦ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଗୋଟିଏ ଉଦ୍ଦେଶ୍ୟ ରହିଛି ଯେ କେମିତି ଖେଳର ବିକାଶ ହେବ। କେମିତି ପିଲାମାନେ ଗାଁରୁ ଆସି ଖେଲୋ ଇଣ୍ଡିଆ ଭଳିଆ ପ୍ଲାଟଫର୍ମରେ ଖେଳିପାରିବେ। କେମିତି ସେମାନଙ୍କୁ ସୁଯୋଗ ମିଳିବ ଏନେଇ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି।

## ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ଜର୍ମାନୀକୁ ୩-୧ ଗୋଲରେ ହରାଇଲା ଭାରତ



**ଆମ୍‌ଷ୍ଟେଲଭିନ୍**

ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ପଞ୍ଚମ ସ୍ଥାନ ହାସଲ କରିଛି। ୫୨ ବର୍ଷ ପରେ ଭାରତକୁ ଶ୍ରେଷ୍ଠ ସ୍ଥାନ ମିଳିଛି। ପଞ୍ଚମ-ଷଷ୍ଠ ସ୍ଥାନ ପାଇଁ ଖେଳାଯାଇଥିବା କ୍ଲାସିଫିକେସନ୍ ମ୍ୟାଚ୍‌ରେ ଭାରତ ୩-୧ ଗୋଲ୍‌ରେ ଜର୍ମାନୀକୁ ପରାସ୍ତ କରି ଏହି ସଫଳତା ଲାଭ କରିଛି। ବିଶ୍ୱକପ୍? ଇତିହାସରେ ଏହା ହେଉଛି ଭାରତୀୟ ମହିଳା ଦଳର ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଭାରତୀୟ ଦଳ ଏହା ପୂର୍ବରୁ ୧୯୭୪ ମସିହାରେ ଚତୁର୍ଥ ସ୍ଥାନରେ ରହିଥିଲା, ତାହା ଆଜି ପର୍ଯ୍ୟନ୍ତ ଭାରତୀୟ ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ଏହା ପରେ ଭାରତୀୟ ମହିଳା ହକି ଦଳ ୧୯୭୮ରେ ସପ୍ତମ, ୧୯୮୩ରେ ଏକାଦଶ, ୧୯୯୮ରେ ଦ୍ୱାଦଶ, ୨୦୦୬ରେ ଏକାଦଶ, ୨୦୧୦ରେ ନବମ, ୨୦୧୮ରେ ଅଷ୍ଟମ ଓ ୨୦୨୨ରେ ନବମ ସ୍ଥାନରେ ରହିଥିଲା।

ଭାରତ ଆଧିପତ୍ୟ ବିସ୍ତାର କରିଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲ୍ କରିପାରି ନ ଥିଲେ। ତେବେ ତୃତୀୟ କ୍ୱାର୍ଟରରେ ଭାରତ ଲଗାତାର ଦୁଇଟି ଗୋଲ୍ କରି ମ୍ୟାଚ୍ ଉପରେ ନିଜର ନିୟନ୍ତ୍ରଣ ସୁଦୃଢ଼ କରିଥିଲା। ୪୩ତମ ମିନିଟ୍‌ରେ ଇଶିକା ଫିଲ୍ଡ ଗୋଲ୍ କରି ଭାରତକୁ ଆଗୁଆ କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ ନଭନୀତ କୌର ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତର ଅଗ୍ରଣୀକୁ ୨-୦ କରିଥିଲେ। ୪୭ତମ ମିନିଟ୍‌ରେ ନଭନୀତ ପୁଣିଥରେ ଗୋଲ୍ କରି ବ୍ୟକ୍ତିଗତ ଭାବେ ଦ୍ୱିତୀୟ ଗୋଲ୍ ସହ ଭାରତକୁ ୩-୦ର ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ଜର୍ମାନୀର ଲିନ୍ କ୍ରିଙ୍ଗ୍ ଗୋଟିଏ ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନ କମାଇଥିଲେ। ତେବେ ଶେଷ ପର୍ଯ୍ୟନ୍ତ ଭାରତୀୟ ରକ୍ଷଣଭାଗ ଆଉ କୌଣସି ଗୋଲ୍ ହେବାକୁ ଦେଇନଥିଲା।

# ଟ୍ରାନ୍ସ କ୍ରିକେଟର ଅନାୟାଙ୍କୁ ଅନୁମତି ମିଳିବା ନେଇ ତେଜିଲା ବିବାଦ, ତୀବ୍ର ବିରୋଧ କଲେ ଦକ୍ଷିଣ ଆଫ୍ରିକା ଖେଳାଳି

**ନୂଆଦିଲ୍ଲୀ**






ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଅଲରାଉଣ୍ଡର ମରିଜାନେ କ୍ୟାପ୍ ଟ୍ରାନ୍ସ କ୍ରିକେଟର ଅନାୟା ବାଙ୍ଗରଙ୍କୁ ଅଷ୍ଟ୍ରେଲିଆରେ ମହିଳା କ୍ରିକେଟ୍ ଖେଳିବା ପାଇଁ ମିଳିଥିବା ଅନୁମତି ଉପରେ ତୀବ୍ର ଆପତ୍ତି ପ୍ରକାଶ କରିଛନ୍ତି। କ୍ୟାପ୍ କ୍ରିକେଟ୍ ଅଷ୍ଟ୍ରେଲିଆର ଏହି ନିଷ୍ପତ୍ତିକୁ ନେଇ ସୋସିଆଲ ମିଡିଆରେ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାକୁ 'ସମ୍ପୂର୍ଣ୍ଣ ହାସ୍ୟାସ୍ପଦ' ବୋଲି ଅଭିହିତ କରିଛନ୍ତି।

୩୬ ବର୍ଷୀୟା କ୍ୟାପ୍ ଇନଷ୍ଟାଗ୍ରାମରେ ଅନାୟା ବାଙ୍ଗରଙ୍କ ସମ୍ପର୍କିତ ଖବରର ସ୍କ୍ରିନଶଟ୍ ସେୟାର କରି ଲେଖିଛନ୍ତି, 'ଏହା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ, ଏହାର ଅନୁମତି ଦିଆଯିବା ଉଚିତ୍ ନୁହେଁ'। ସେ ନିଜ ପୋଷ୍ଟରେ ୱୁମେନ୍ସ ବିଗ୍ ବ୍ୟାଶ୍ ଲିଗ୍‌କୁ ମଧ୍ୟ ଟ୍ୟାଗ୍ କରିଛନ୍ତି।

ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ପୁଅରୁ ଝିଅ ପାଲଟିଥିବା ଅନାୟାଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ ବର୍ତ୍ତମାନ ପାଇଁ ଅଷ୍ଟ୍ରେଲିଆର ପ୍ରିମିୟର କ୍ରିକେଟ୍ ଅର୍ଥାତ୍ କମ୍ୟୁନିଟି କ୍ରିକେଟ୍‌ରେ ଖେଳିବାକୁ ଅନୁମତି ଦେଇଛି। ମାର୍ଚ୍ଚ ୨୦୨୭ରୁ ତାଙ୍କ ପାଇଁ ଏଲିଟ୍ ମହିଳା କ୍ରିକେଟ୍‌ର ରାସ୍ତା ମଧ୍ୟ ଖୋଲିପାରେ, କିନ୍ତୁ ଏଥିପାଇଁ ତାଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆର ଯୋଗ୍ୟତା ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ହେବ।

କ୍ରିକେଟ୍ ଅଷ୍ଟ୍ରେଲିଆର ହେଡ୍ ଅଫ୍ ଇଣ୍ଟେଗ୍ରିଟି ଜ୍ୟାକି ପାର୍ଟ୍ରିଜ୍ ଅନାୟାଙ୍କୁ ପଠାଇଥିବା ପତ୍ରରେ ସ୍ପଷ୍ଟ କରିଛନ୍ତି ଯେ ମାର୍ଚ୍ଚ ୨୦୨୭ରୁ ଏଲିଟ୍ କ୍ରିକେଟ୍‌ରେ ତାଙ୍କର ଯୋଗ୍ୟତା, ତାଙ୍କର ସିରମ୍ ଟେଷ୍ଟୋଷ୍ଟେରନ୍ ସ୍ତର ୧୦ ଏନଏମଓଏଲ/ଏଲରୁ କମ୍ ରହିବା ଉପରେ ନିର୍ଭର କରିବ। ଏହା ବ୍ୟତୀତ ତାଙ୍କୁ ନୀତିରେ ନିର୍ଦ୍ଧାରିତ ଅନ୍ୟ ସମସ୍ତ ସର୍ତ୍ତ ମଧ୍ୟ ପୂରଣ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ପହଞ୍ଚିବା ପରେ ତାଙ୍କୁ ନିଜର ଟେଷ୍ଟୋଷ୍ଟେରନ୍ ସ୍ତର ନିଶ୍ଚିତ କରିବା ପାଇଁ ରକ୍ତ ପରୀକ୍ଷା ମଧ୍ୟ କରାଇବାକୁ ହେବ।

ଅର୍ଥାତ୍ ବର୍ତ୍ତମାନ ଏହା କହିବା ଠିକ୍ ହେବନାହିଁ ଯେ ଅନାୟାଙ୍କୁ ମହିଳା ବିଗ୍ ବ୍ୟାଶ୍ ଲିଗ୍‌ରେ ଖେଳିବା ପାଇଁ ସିଧାସଳଖ ଅନୁମତି ମିଳିଯାଇଛି। ଏଠାରେ ପହଞ୍ଚିବା ପାଇଁ ତାଙ୍କୁ କେବଳ ଏକ ରାସ୍ତା ମିଳିଛି। ଦଳରେ ସ୍ଥାନ ପାଇବା ପାଇଁ ତାଙ୍କୁ ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରିବାକୁ ହେବ ଏବଂ କୌଣସି ଫ୍ରାଞ୍ଚାଇଜର ଭରସା ଜିତିବାକୁ ପଡ଼ିବ। ନିଜେ ଅନାୟା ମଧ୍ୟ ସ୍ପଷ୍ଟ କରିସାରିଛନ୍ତି ଯେ କ୍ରିକେଟ୍ ଅଷ୍ଟ୍ରେଲିଆ ତାଙ୍କୁ ଦଳରେ ସ୍ଥାନ ଦେଇନାହିଁ, ବରଂ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାର ଏକ ସୁଯୋଗ ଦେଇଛି।

ଅନାୟା ଏହି ନିଷ୍ପତ୍ତିକୁ ନିଜ ପାଇଁ ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ, ଏକ ସମୟରେ ତାଙ୍କୁ ଲାଗୁଥିଲା ଯେ ସେ ହୁଏତ ଆଉ କେବେ କ୍ରିକେଟ୍ ଖେଳିପାରିବେ ନାହିଁ, କିନ୍ତୁ କ୍ରିକେଟ୍ ଅଷ୍ଟ୍ରେଲିଆ ତାଙ୍କୁ ଆଉ ଏକ ସୁଯୋଗ ଦେଇଛି।

ଅନାୟା ଏହାପୂର୍ବରୁ ଭାରତରେ ମଧ୍ୟ ମହିଳା କ୍ରିକେଟ୍ ଖେଳିବାକୁ ନେଇ ବିସିସିଆଇ ସହ ଯୋଗାଯୋଗ କରିଥିଲେ। ହେଲେ ତାଙ୍କୁ ସେଠାରୁ କୌଣସି ସ୍ପଷ୍ଟ ଉତ୍ତର ମିଳିନଥିଲା। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ 'ଇଣ୍ଡିଆନ୍ ଏକ୍ସପ୍ରେସ୍'କୁ କହିଛନ୍ତି ଯେ ଅନ୍ତର୍ଜାତୀୟ କ୍ରିକେଟ୍ ପାଇଁ ଆଇସିସିର ନୀତି ସ୍ପଷ୍ଟ ରହିଛି, କିନ୍ତୁ ଘରୋଇ କ୍ରିକେଟ୍‌ରେ ଟ୍ରାନ୍ସ ଖେଳାଳିମାନଙ୍କୁ ନେଇ ବିସିସିଆଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନୀତି ପ୍ରସ୍ତୁତ କରିନାହିଁ। ଏହା ହିଁ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ।

ଆଇସିସି ନଭେମ୍ବର ୨୦୨୩ରେ ଅନ୍ତର୍ଜାତୀୟ ମହିଳା କ୍ରିକେଟ୍ ପାଇଁ ନୂଆ ଲିଙ୍ଗଗତ ଯୋଗ୍ୟତା ନୀତି ଲାଗୁ କରିଥିଲା। ଏହା ଅଧୀନରେ ଯେଉଁ 'ପୁରୁଷରୁ ମହିଳା' ହୋଇଥିବା ଖେଳାଳିମାନେ ପୁରୁଷ ଯୌବନାବସ୍ଥାର ଅନୁଭବ କରିଛନ୍ତି। ଏମାନେ ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ରେ ଭାଗ ନେଇପାରିବେ ନାହିଁ। ଏହି ନିୟମ ସର୍ଜରୀ କିମ୍ବା ଜେଣ୍ଡର ରୀ-ଆସାଇନମେଣ୍ଟ ଟ୍ରିଟମେଣ୍ଟ କରାଇବା ସତ୍ତ୍ୱେ ମଧ୍ୟ ଲାଗୁ ରହେ। ତେବେ ଘରୋଇ କ୍ରିକେଟ୍‌ରେ ଟ୍ରାନ୍ସ ଖେଳାଳିମାନଙ୍କ ଅଂଶଗ୍ରହଣର ନିୟମ ସମ୍ପୃକ୍ତ ସଦସ୍ୟ ବୋର୍ଡଗୁଡ଼ିକ ନିଜେ ସ୍ଥିର କରିପାରିବେ।

ଏହି ପାର୍ଥକ୍ୟ ହିଁ କ୍ରିକେଟ୍ ଅଷ୍ଟ୍ରେଲିଆ ଏବଂ ଆଇସିସିର ନିୟମ ମଧ୍ୟରେ ଏହି ପ୍ରସଙ୍ଗକୁ ଆହୁରି ରୋମାଞ୍ଚକର କରିଦେଇଛି। ଆଇସିସିର ନିୟମ ଅନ୍ତର୍ଜାତୀୟ କ୍ରିକେଟ୍ ଉପରେ ଲାଗୁ ହେଉଥିବା ବେଳେ, କ୍ରିକେଟ୍ ଅଷ୍ଟ୍ରେଲିଆ ନିଜର ଘରୋଇ କ୍ରିକେଟ୍ ଅଧୀନରେ ଅନାୟାଙ୍କ ପ୍ରସଙ୍ଗର ଏକ ଭିନ୍ନ ଆକଳନ କରିଛି। ମରିଜାନେ କ୍ୟାପ୍‌ଙ୍କ ତୀବ୍ର ପ୍ରତିକ୍ରିୟା ଏହି ପ୍ରସଙ୍ଗକୁ ପୁଣି ଥରେ ମହିଳା କ୍ରିକେଟ୍‌ରେ ସମାନତା, ପ୍ରତିଯୋଗିତାମୂଳକ ନିଷ୍ପକ୍ଷତା ଏବଂ ଟ୍ରାନ୍ସ ଖେଳାଳିମାନଙ୍କ ଅଂଶଗ୍ରହଣର ବିତର୍କର କେନ୍ଦ୍ରବିନ୍ଦୁକୁ ଆଣିଦେଇଛି।

# ଜାତୀୟ କ୍ରୀଡ଼ା ଦିବସର ତିନିଦିନିଆ ଭବ୍ୟ ଶୁଭାରମ୍ଭ

**ବାଲେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବାଲେଶ୍ୱର ଭୀମପୁରା ସ୍ଥିତ ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଜାତୀୟ କ୍ରୀଡ଼ା ଦିବସର ତିନିଦିନିଆ ଭବ୍ୟ ସେଲିବ୍ରେସନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ 'ଖେଳିବ ଭାରତ, ଜିତିବ ଭାରତ' ଥିମ୍ ସହିତ ଅଗଷ୍ଟ ୨୮, ୨୯ ଓ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ବାଲେଶ୍ୱର ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ଉପସଭାପତି ଜଗଦୀଶ ଚନ୍ଦ୍ର ବେହେରା ଏବଂ ବାଲେଶ୍ୱର ଡିପିଓ ଚନ୍ଦ୍ରକାନ୍ତ ଘଡ଼େଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ତିନିଦିନିଆ ଉତ୍ସବର ଦ୍ୱିତୀୟ ଦିନ ଅର୍ଥାତ୍ ୨୯ ଅଗଷ୍ଟରେ 'ଏକ ଘଣ୍ଟା ଖେଳ ପଡ଼ିଆରେ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସେହିପରି ଅନ୍ତିମ ଦିନ ଅର୍ଥାତ୍ ୩୦ ଅଗଷ୍ଟରେ ସ୍ୱାସ୍ଥ୍ୟ ଏବଂ ପରିବେଶ ସଚେତନତାକୁ ନେଇ 'ସଣ୍ଡେ ଅନ୍ ସାଇକେଲ' କ୍ୟାମ୍ପେନ ଯାହାକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଏହି କ୍ରୀଡ଼ା ମହୋତ୍ସବକୁ ନେଇ ସ୍ଥାନୀୟ କ୍ରୀଡ଼ାବିତ୍ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।

# ଯାଜପୁରରେ 'ବିକଶିତ ଭାରତ ଯୁବା କନେକ୍ଟ-ସ୍ପୋର୍ଟସ୍ ଏଡିସନ୍'

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଜାତୀୟ କ୍ରୀଡ଼ା ଦିବସ ଅବସରରେ 'ବିକଶିତ ଭାରତ ଯୁବା କନେକ୍ଟ-ସ୍ପୋର୍ଟସ୍ ଏଡିସନ୍' କାର୍ଯ୍ୟକ୍ରମ ଭାରତୀ ବିହାର ମହାବିଦ୍ୟାଳୟ, ହରିପୁର, ଯାଜପୁର ପରିସରରେ ମେରା ଯୁବା ଭାରତ, ଜାତୀୟ ସେବା ଯୋଜନା ସହ ସମନ୍ୱୟରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଭିର୍ଚ୍ୟୁଆଲ୍ ମାଧ୍ୟମରେ ଯୁବମାନଙ୍କ ସହ ଆଲୋଚନା କରିଥିଲେ ଏବଂ କ୍ରୀଡ଼ାର ଗୁରୁତ୍ୱ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଯୁବମାନଙ୍କୁ ସମ୍ବୋଧିତ କରିବା ସହ କ୍ରୀଡ଼ା, ଶୃଙ୍ଖଳା, ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବମାନଙ୍କ ସକ୍ରିୟ ଭୂମିକାର ଗୁରୁତ୍ୱ ଉପରେ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ କ୍ରୀଡ଼ାବିତ୍ ତଥା ସ୍ପୋର୍ଟସ୍ ଆଇକନ୍ ଓଇନାମ ଦିବ୍ୟା ଦେବୀ ମଧ୍ୟ ଉପସ୍ଥିତ ଥିଲେ। ସେ କ୍ରୀଡ଼ା ଏବଂ ଜୀବନରେ ସଫଳତା ହାସଲ କରିବାରେ କଠିନ ପରିଶ୍ରମ, ଆତ୍ମବିଶ୍ୱାସ, ଦୃଢ଼ତା ଏବଂ ସଂକଳ୍ପର ଗୁରୁତ୍ୱ ଉପରେ ଆଲୋକପାତ କରି ଯୁବମାନଙ୍କୁ ପ୍ରେରିତ କରିଥିଲେ। ପ୍ରଫେସର ତ୍ରିଲୋଚନ ସାହୁ, ଅଧ୍ୟକ୍ଷ, ଏବଂ ଏନ୍.ଏସ୍.ଏସ୍. ଅଧିକାରୀ ପ୍ରଦୀପ ପ୍ରଧାନ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ। ମାଇଁ ଭାରତ ଏବଂ ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ, ଯୁବ ଅଂଶଗ୍ରହଣକାରୀ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ଗତ ୧୨ ବର୍ଷ ମଧ୍ୟରେ ଭାରତର କ୍ରୀଡ଼ା ଭିତ୍ତିଭୂମିରେ ଘଟିଥିବା ପରିବର୍ତ୍ତନ, ଦେଶର କ୍ରୀଡ଼ା ପରିବେଶର ବିକାଶ, କ୍ରୀଡ଼ା କ୍ଷେତ୍ରରେ ଯୁବମାନଙ୍କ ପାଇଁ ଉପଲବ୍ଧ ସୁଯୋଗ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବମାନଙ୍କ ଭୂମିକା ଉପରେ ଆଲୋଚନା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲେ। ଏହା ପରେ 'ଯୁବ ସମ୍ବାଦ' ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମେରା ଯୁବା ଭାରତ, ଯାଜପୁରର ଜିଲ୍ଲା ଯୁବ ଅଧିକାରୀ କୁମାର ଗୌରବଙ୍କ ସମନ୍ୱୟ ଏବଂ ପ୍ରୟାସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଥିରେ ଏକ ଲାଇଭ୍ କୁଇଜ୍ ପ୍ରତିଯୋଗିତା ମଧ୍ୟ ରହିଛି, ଯାହା ୨୦୨୭ ମସିହା ଫେବୃଆରୀରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ବିକଶିତ ଭାରତ ଯୁବ ନେତା ସଂଳାପ ୨୦୨୭ର ଅଂଶ ହେବାର ସୁଯୋଗ ପ୍ରଦାନ କରୁଛି।

# ଶ୍ରୀଲିଙ୍ଗରାଜ ମନ୍ଦିରରେ ୭,୫୦୦ ବର୍ଗଫୁଟ କାର୍ପେଟ ବିଛାଇଲା ଲାୟନ୍ସ କ୍ଲବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ପବିତ୍ର ଶ୍ରାବଣ ମାସରେ ଏକ ଅର୍ଥପୂର୍ଣ୍ଣ ସେବା ପ୍ରୟାସ ଭାବେ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରରେ ସଫଳତାର ସହିତ କାର୍ପେଟ ବିଛାଇବା କାର୍ଯ୍ୟ ସମ୍ପନ୍ନ କରିଛି। ଶ୍ରୀଲିଙ୍ଗରାଜ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ସୁବିଧା ପାଇଁ ମନ୍ଦିର ପରିସରରେ ୭,୫୦୦ ବର୍ଗଫୁଟ କାର୍ପେଟ ବିଛାଯାଇଛି। ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର, ଲାୟନ୍ସ ଡିଷ୍ଟ୍ରିକ୍ଟ ୩୨୨ ସିଏ ଲାୟନ ଇଂ ଅଶ୍ୱିନୀ ଦାଶ ଏବଂ ଭୁବନେଶ୍ୱର ଏଡିଏମ୍ ରମେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଲାୟନ୍ସ ଇଣ୍ଟରନ୍ୟାସନାଲର ଇ ରନ୍ୟାସନାଲ ଡାଇରେକ୍ଟର ଲାୟନ ସୁରଜ ବାଗ୍ଲା, ଲାୟନ୍ସ ଇଣ୍ଟରନ୍ୟାସନାଲର ପୂର୍ବତନ ପିଆଇଡ଼ି ଇଣ୍ଟରନ୍ୟାସନାଲ ଡାଇରେକ୍ଟର ଲାୟନ ଭି.କେ. ଲୁଥ୍ରା, ଆଇପିଡିଜି ଡିଷ୍ଟ୍ରିକ୍ଟ ୩୨୨ସି୪ ଲାୟନ ହେମନ୍ତ କୁମାର ଖୁଣ୍ଟିଆ ଏବଂ ଭିଡିଜି-୧ ଡିଷ୍ଟ୍ରିକ୍ଟ ୩୨୨ ୪ସି ଲାୟନ ଲଳିତେନ୍ଦୁ ଶତପଥୀ ପ୍ରମୁଖଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲା।

ଲାୟନ୍ସ କ୍ଲବ ନୟାପଲ୍ଲୀ ଓ ମନ୍ଦିର ପ୍ରଶାସନ ଏଭଳି ଅଭିନବ ପ୍ରୟାସ ପ୍ରତି ତାଙ୍କର ଉଲ୍ଲେଖନୀୟ ପରୋପକାର ଓ ମୂଲ୍ୟବାନ ସହଯୋଗ ପାଇଁ ପିଆଡି ଲାୟନ ଭି.କେ. ଲୁଥ୍ରାଙ୍କୁ ବିଶେଷ କୃତଜ୍ଞତା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଲବର ଲାୟନ୍ସ ସଦସ୍ୟ, ବିଶିଷ୍ଟ ଅତିଥି ଓ ମନ୍ଦିର କର୍ତ୍ତୃପକ୍ଷଙ୍କୁ ସେବା ଓ ଭକ୍ତିର ପ୍ରକୃତ ଭାବନାରେ ଏକତ୍ର କରିଥିଲା ଏବଂ ଓଡ଼ିଶାର ସମୃଦ୍ଧ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟ ପ୍ରତି ସମ୍ମାନ ସହ ସମାଜସେବାର ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରିଥିଲା।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**



ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ଅର୍ଥ ରାଶି ପ୍ରଦାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମ୍ବଲପୁରର ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇଥିବା ବେଳେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ), ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ ବିଧାୟକ ନାଉରୀ ନାୟକ, ବିଶିଷ୍ଟ ଅତିଥି ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ନୟାଗଡ଼ଠାରେ ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା।

ସମ୍ବଲପୁର ଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲ୍ଲାର ସୁଭଦ୍ରା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ବଲପୁର ଜିଲ୍ଲାରେ ପଞ୍ଚମ କିସ୍ତି ପାଇଁ ମୋଟ ୨,୪୧,୧୧୦ ଜଣ ଯୋଗ୍ୟ ମହିଳା ଚୟନ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୫,୦୦୦ ଟଙ୍କା ଲେଖାଏଁ ମୋଟ ପ୍ରାୟ ୧୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଶି ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି। ଜିଲ୍ଲାର ୩,୦୦୦ ଇଚ୍ଛୁକ ମହିଳାଙ୍କୁ ଓରମାସ ମାଧ୍ୟମରେ ସିଲେଇ ତାଲିମ ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି ବୋଲି ଜିଲ୍ଲାପାଳ ସୂଚନାଦେଇଥିଲେ। ଏହାଦ୍ୱାରା ଆଗାମୀ ଦିନରେ ପ୍ରତିଷ୍ଠା ହେବାକୁ ଥିବା ଆଦିତ୍ୟ ବିର୍ଲା ଟେକ୍ସଟାଇଲ ପାର୍କ ଓ ଶାହୀ ଏକ୍ସପୋର୍ଟସ ପରି ବୃହତ ପ୍ରକଳ୍ପରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ କିମ୍ବା ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ଲିଙ୍କେଜ ମାଧ୍ୟମରେ ପ୍ରାୟ ୫୦୦ କୋଟି ଟଙ୍କାର ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ଶତପ୍ରତିଶତ ସୁଧ ଛାଡ଼ ସୁବିଧା ଉପଲବ୍ଧ ରହିଛି। ମହିଳା ଉଦ୍ୟୋଗୀମାନେ ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ମୁଦ୍ରା ଯୋଜନା ଏବଂ ୫୦% ସବ୍‌ସିଡି ଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସୁଯୋଗ ନେଇ ନିଜର ବ୍ୟବସାୟ ବୃଦ୍ଧି କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ନାରୀମାନଙ୍କୁ କେବଳ ଆର୍ଥିକ ସହାୟତା ନୁହେଁ, ବରଂ ସେମାନଙ୍କୁ ଲକ୍ଷପତି ଓ କୋଟିପତି ସ୍ତରର ସ୍ୱାବଲମ୍ବୀ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ସରକାରଙ୍କ ପ୍ରକୃତ ଲକ୍ଷ୍ୟ। ସମ୍ବଲପୁରର ପାରମ୍ପରିକ ଉତ୍ପାଦ ଯଥା- ଅର୍ସା ପିଠା, ମହୁଲରୁ ପ୍ରସ୍ତୁତ ପାନୀୟ (ମହୁଆ କୋକ୍), କୁଚିଣ୍ଡା ଲଙ୍କା ଏବଂ ଶାଳ ମଞ୍ଜି ତେଲର ଓରମାସ ମାଧ୍ୟମରେ ଏକ ସ୍ୱତନ୍ତ୍ର ବ୍ରାଣ୍ଡ ଭାବେ ଗଢ଼ିତୋଳି ବଜାରୀକରଣ କରାଯିବ। ଏଥିପାଇଁ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଓ ଭିତ୍ତିଭୂମି ଯୋଗାଇ ଦିଆଯିବ।

ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରି ମନ୍ତ୍ରୀ ଘୋଷଣା କରିଥିଲେ ଯେ, ପ୍ରତ୍ୟେକ ପଞ୍ଚାୟତରେ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ, ଯେଉଁଥିରେ ଆଲୋକୀକରଣ, ସାଉଣ୍ଡ ବ୍ୟବସ୍ଥା ଏବଂ ରୋଷେଇ ସାମଗ୍ରୀ ଉପଲବ୍ଧ ରହିବ। ସେହିପରି ପ୍ରତ୍ୟେକ ଗାଁର ପୋଖରୀକୁ ପେଭର ବ୍ଲକ, ବସିବା ବ୍ୟବସ୍ଥା ଓ ପାଠାଗାର ଥାଇ ଆଦର୍ଶ ପୋଖରୀ ଭାବେ ବିକଶିତ କରାଯିବ। ଏହା ସହିତ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ସମ୍ବଲପୁର ଜିଲ୍ଲାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ ମହୋଦୟ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ହଜାର ହଜାର ସଂଖ୍ୟାରେ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ଥାନୀୟ ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ସମ୍ବଲପୁର ଜିଲ୍ଲାରେ ସୁଭଦ୍ରା ପଞ୍ଚମ କିସ୍ତି ପାଇଁ ସମୁଦାୟ ୨,୪୧,୧୧୦ ଜଣ ଯୋଗ୍ୟ ହିତାଧିକାରୀ ମନୋନୀତ ହୋଇଛନ୍ତି। ବ୍ଲକ ଏବଂ ପୌରାଞ୍ଚଳ ଭିତ୍ତିରେ ଦେଖିବାକୁ ଗଲେ, ବାମରା ବ୍ଲକରୁ ୨୩,୯୭୯ ଜଣ, ଧନକଉଡ଼ାରୁ ୧୩,୬୫୨ ଜଣ, ଜମନକିରାରୁ ୨୪,୦୭୦ ଜଣ, ଯୁଯୁମୁରାରୁ ୨୧,୩୦୦ ଜଣ ଏବଂ କୁଚିଣ୍ଡା ବ୍ଲକରୁ ୧୭,୯୩୭ ଜଣ, ମାନେଶ୍ୱରରୁ ୧୪,୬୫୮ ଜଣ, ନାକଟିଦେଉଳରୁ ୧୬,୬୪୯ ଜଣ, ରେଢ଼ାଖୋଲରୁ ୧୪,୭୧୫ ଜଣ ତଥା ରେଙ୍ଗାଲି ବ୍ଲକରୁ ୨୨,୩୩୬ ଜଣ ମହିଳା ହିତାଧିକାରୀ ଏହି ପଞ୍ଚମ କିସ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଏହି ଯୋଜନାରେ ପୌରାଞ୍ଚଳ ଗୁଡ଼ିକ ମଧ୍ୟରେ କୁଚିଣ୍ଡା ଏନ୍‌ଏସିରୁ ୨,୮୧୧ ଜଣ ଓ ରେଢ଼ାଖୋଲ ଏନ୍‌ଏସିରୁ ୩,୪୪୮ ଜଣ ହିତାଧିକାରୀ ଥିବାବେଳେ ସର୍ବାଧିକ ୬୫,୫୫୫ ଜଣ ହିତାଧିକାରୀ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରୁ ରହିଛନ୍ତି।

ଭୁବନେଶ୍ୱର, ୨୯ ଅଗଷ୍ଟ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଆର୍ବିଟ୍ରେସନ ପ୍ରକ୍ରିୟା ପାଇଁ ଦକ୍ଷ ପ୍ୟାନେଲ ଗଠନ କରିବାକୁ ମୁଖ୍ୟ ସଚିବଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୮।୮

ନ୍ୟୁଜ୍ ବ୍ୟୁରୋ

ଆର୍ବିଟ୍ରେସନ ପ୍ରକ୍ରିୟା ପାଇଁ ମାସେ ଭିତରେ ଆଇନଜୀବୀଙ୍କ ଦକ୍ଷ ପ୍ୟାନେଲ ଗଠନ ପାଇଁ ମୁଖ୍ୟ ସଚିବଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆର୍ବିଟ୍ରେସନ ମାମଲା ଗୁଡ଼ିକରେ ରାଜ୍ୟ ସରକାରଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସରକାର କିମ୍ବା ଏହାର ସଂସ୍ଥା ପକ୍ଷ ଥିବା ଆର୍ବିଟ୍ରେସନ ମାମଲା ପରିଚାଳନା ପାଇଁ ଏହି ଆଇନରେ ପ୍ରମାଣିତ ପାରଦର୍ଶିତା, ବୃତ୍ତିଗତ ସାଧୁତା, କାର୍ଯ୍ୟଦକ୍ଷତା ଥିବା ବ୍ୟକ୍ତିଙ୍କୁ ନେଇ ଏକ ମାସ ଭିତରେ ଏକ ପ୍ୟାନେଲ ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶରେ କହିଛନ୍ତି। ପ୍ୟାନେଲ ଭୁକ୍ତ କରାଯିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କ ପେଶାଗତ ପ୍ରମାଣପତ୍ର, ଅଭିଜ୍ଞତା, ଦକ୍ଷତା, ପୂର୍ବ କାର୍ଯ୍ୟର ରେକର୍ଡ, ଅତୀତର ପ୍ରଦର୍ଶନକୁ ସୂକ୍ଷ୍ମ ଭାବେ ଯାଞ୍ଚ କରାଯିବ। ଏହା ଦ୍ୱାରା ରାଜ୍ୟର ସ୍ୱାର୍ଥକୁ ସୁରକ୍ଷା ଦେବାର ଦାୟିତ୍ୱ ଆବଶ୍ୟକ ଯୋଗ୍ୟତା ଓ ପେଶାଗତ



ଦକ୍ଷତା ଥିବା ଆଇନଜୀବୀଙ୍କୁ ପ୍ରଦାନ କରାଯାଇ ପାରିବ ବୋଲି ହାଇକୋର୍ଟ କହିଛନ୍ତି। ଆର୍ବିଟ୍ରେସନ ପ୍ରକ୍ରିୟା ସଂପର୍କିତ ମାମଲାରେ ରାଜ୍ୟ ସରକାରଙ୍କ ବିଫଳତା ପାଇଁ କର୍ତ୍ତବ୍ୟ ସଂପାଦନ ଠିକ ଭାବେ କରି ନଥିବା, ଅବହେଳା କରିଥିବା ଓ ପ୍ରତିପକ୍ଷଙ୍କ ସହିତ ମିଶିଥିବା ଅଧିକାରୀଙ୍କ ଚିହ୍ନଟ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତରୁ ଯଦି ଏପରି କୌଣସି ଅଧିକାରୀଙ୍କ ସଂପୃକ୍ତି ସ୍ପଷ୍ଟ ହୁଏ ତେବେ ତୁରନ୍ତ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆଇନ ଅନୁସାରେ ଆରମ୍ଭ କରାଯିବ। ଆବଶ୍ୟକ ସ୍ଥଳେ ଏଭଳି ଅଧିକାରୀଙ୍କୁ ଭବିଷ୍ୟତରେ ଆର୍ବିଟ୍ରେସନ ମାମଲାର ତଦାରଖ ଓ ଦାୟିତ୍ୱରୁ ବାରଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜନସାଧାରଣଙ୍କ ଟଙ୍କା ବା ସରକାରୀ ପାଣ୍ଠି ରାଜ୍ୟର ବ୍ୟକ୍ତିଗତ କିମ୍ବା ନିଜସ୍ୱ ସମ୍ପତ୍ତି ନୁହେଁ, ଏହା ଜନସାଧାରଣଙ୍କ ପାଇଁ ଏକ ଅମାନତ (ଟ୍ରଷ୍ଟ) ଭାବରେ ସଂରକ୍ଷିତ ଥାଏ ବୋଲି ହାଇକୋର୍ଟ କହିଛନ୍ତି। ସେପ୍ଟେମ୍ବର ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଆର୍ବିଟ୍ରେସନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ତରଫରୁ ଉପଯୁକ୍ତ ଭାବେ ମାମଲା ପରିଚାଳନା ହେଉ ନଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହା ଦ୍ୱାରା ସରକାରୀ ତହବିଲରୁ ବହୁ ଅର୍ଥ ଚାଲି ଯାଉଛି। ସରକାର କ୍ଷତି ସହୁଛନ୍ତି ବୋଲି ଦର୍ଶାଯାଇଥିଲା।

# ଶ୍ରୀମନ୍ଦିରରେ ପାଳନ ହେଲା ଗହ୍ମାପୂର୍ଣ୍ଣମୀ ଓ ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ



ପୁରୀ, ୨୮।୮:ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିରରେ ଶୁକ୍ରବାର ପବିତ୍ର ଗହ୍ମାପୂର୍ଣ୍ଣମୀ ଓ ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ନୀତି ପାଳିତ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା। ମଧ୍ୟାହ୍ନ ଧୂପ ପରେ ଭଉଣୀ ସୁଭଦ୍ରା ଦୁଇଭାଇ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାକ୍ଷୀ ପିନ୍ଧାଇଥିଲେ। ପାଟରା ବିଶୋୟୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରାକ୍ଷୀ ଓ ଗୁଆମାଳକୁ ମହାପ୍ରଭୁଙ୍କ ସିଂହାରୀ ସେବକମାନେ ଲାଗି କରାଇଛନ୍ତି। ସେହିପରି ପ୍ରଭୁ ସୁଦର୍ଶନଙ୍କୁ ଚାରି ଆଶ୍ରମ ବିଜେ କରାଯାଇ ମାର୍କଣ୍ଡ ପୁଷ୍କରିଣୀ ଠାରେ ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁଯାୟୀ ପାଟରା ବିଶୋୟୀଙ୍କ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ରାକ୍ଷୀ ଓ ଗୁଆମାଳ ମହାପ୍ରଭୁଙ୍କୁ ସିଂହାରୀ ସେବକମାନେ ଲାଗି କରାଇଥିଲେ। ଦ୍ୱିପ୍ରହର ଧୂପ ପରେ ମଙ୍ଗଳାର୍ପଣ କରାଯାଇ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବା ସହ ଚକ୍ରରାଜ ସୁଦର୍ଶନ ବିମାନରେ ମାର୍କଣ୍ଡ ପୁଷ୍କରଣୀକୁ ବିଜେ କରିଥିଲେ। ସେଠାରେ ମାଟିର ବଳଭଦ୍ର ପ୍ରତିମା ନିର୍ମାଣ କରାଯିବା ପରେ ପୂଜାପଣ୍ଡା ସେବକ ଜୀବନ୍ୟାସ ଦେଇ ଜାତକର୍ମ ଅନୁଷ୍ଠିତ ହୋଇଥିଲା। ପରେ ପୂଜାର୍ଚ୍ଚନା ଓ ବନ୍ଦାପନା କରାଯାଇ ବଳଭଦ୍ରଙ୍କ ମାଟି ପ୍ରତିମାକୁ ମାର୍କଣ୍ଡ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ବିମାନବଡୁ ସେବକମାନେ ସୁଦର୍ଶନଙ୍କୁ ଚାରି ଆଶ୍ରମ ଭ୍ରମଣ କରାଇବା ପରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ।



ନୟାଗଡ଼ : ସୁଭଦ୍ରା ପଞ୍ଚମ କିସ୍ତି ପ୍ରଦାନ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରାକ୍ଷୀ ବାନ୍ଧୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ। (ଫଟୋ : ସମ୍ବାଦ କଳିକା)

## ଟ୍ରାଫିକ୍ ନିୟନ୍ତ୍ରଣ କମିଟି ଗଠନକୁ ନେଇ ହାଇକୋର୍ଟଙ୍କ ଅସନ୍ତୋଷ

# ୨୯ରେ ଜିଲ୍ଲାପାଳ ଅଦାଲତରେ ହଜାର ହେବାକୁ ନିର୍ଦ୍ଦେଶ

କଟକ, ୨୮।୮

ନ୍ୟୁଜ୍ ବ୍ୟୁରୋ

କଟକ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ୍କୁ ନେଇ ଡିସିପିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କମିଟିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସଦସ୍ୟ ଭାବେ ପ୍ରତିନିଧିତ୍ୱ ପାଇଁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି କମିଟିରେ ଜିଲ୍ଲାପାଳଙ୍କ ପକ୍ଷରୁ କୌଣସି ଜଣେ ବି ଅତିରିକ୍ତ ଜିଲ୍ଲାପାଳଙ୍କୁ ମନୋନିତ କରାଯାଇ ନଥିଲାବେଳେ ହାଇକୋର୍ଟ ଏନେଇ ଭୀଷଣ କ୍ଷୁବ୍ଧ ହୋଇଛନ୍ତି। ଜିଲ୍ଲାପାଳଙ୍କ ଏଭଳି ଆଭିମୁଖ୍ୟକୁ ନେଇ ହାଇକୋର୍ଟ ଆଶ୍ଚର୍ଯ୍ୟ ମଧ ପ୍ରକଟ କରିଛନ୍ତି। କ'ଣ ପାଇଁ ଏ ପର୍ଯ୍ୟନ୍ତ ଜଣେ ଏଡିଏମ୍କୁ ସଦସ୍ୟ ଭାବେ ରଖାଯାଇ ନାହିଁ ତାହା ଉପରେ ଜବାବ ରଖିବାକୁ ହାଇକୋର୍ଟ କଟକ ଜିଲ୍ଲାପାଳଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୯ ତାରିଖ ଶନିବାର ସକାଳ ସାଢ଼େ ୧୦ଟାରେ ଜିଲ୍ଲାପାଳ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସହର ସମସ୍ୟା ସଂକ୍ରାନ୍ତ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ସହର ସମସ୍ୟା ମାମଲାରେ ହାଇକୋର୍ଟ କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ଏବଂ ଜମା ହୋଇ ରହୁଥିବା ପାଣି ସମସ୍ୟା ସମ୍ପର୍କରେ ପୂର୍ତ୍ତ ଡିଭିଜନ୍ ୧ର ଅଧୀକ୍ଷଣ ଯନ୍ତ୍ରୀ ସେହେନ୍ଓ୍ୱାଜ୍ ଏବଂ କଟକ ମହାନଗର ନିଗମ (କେଏମ୍ସି)ର ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତଙ୍କଠୁ ଜାଣିବାକୁ ଚାହିଁଥିଲେ। କିନ୍ତୁ ଉଭୟ ଏ ସଂକ୍ରାନ୍ତରେ କିଛି ବି ଜାଣିନାହାନ୍ତି ବୋଲି ଅଦାଲତଙ୍କୁ କହିଥିଲେ। ହାଇକୋର୍ଟ ଏହି ଜବାବରେ ଅସନ୍ତୋଷ ପ୍ରକାଶ କରି ନଗର ଉନ୍ନୟନ ବିଭାଗ ସଚିବ, ପୂର୍ତ୍ତ ବିଭାଗ ସଚିବ, ପୂର୍ତ୍ତ ବିଭାଗ ଇଞ୍ଜିନିୟର-ଇନ୍ ଚିଫ୍, କେଏମ୍ସି କମିଶନର, ପୌର ନିଗମ ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ଅବା ଭର୍ଚ୍ୟୁଆଲ୍ ଜରିଆରେ ଅଦାଲତରେ ଉପସ୍ଥିତ ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଏବଂ ପାଣି ଜମା ହୋଇ ରହୁଥିବା ସମସ୍ୟାର ସ୍ୱତନ୍ତ୍ର ଭାବେ ଶୁଣାଣି ପାଇଁ ହାଇକୋର୍ଟ ଆସନ୍ତା ୨୯ ତାରିଖକୁ ଧାର୍ଯ୍ୟ କରିଛନ୍ତି। ମା' ଭୁଆଶୁଣୀ ମନ୍ଦିରକୁ ରାସ୍ତା ନିର୍ମାଣ କରିବାକୁ ହେଲେ ନଦୀ ଭିତରେ ଏହାକୁ ନିର୍ମାଣ କରିବାକୁ ପଡ଼ିବ। ଏଥିପାଇଁ ମହାନଦୀ ଦକ୍ଷିଣ ଡିଭିଜନ୍, ପୂର୍ତ୍ତ ଡିଭିଜନ୍-୧, କେଏମ୍ସି ଅଧୀକ୍ଷଣ ଯନ୍ତ୍ରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ବସି ଏହି ପୀଠକୁ କିପରି ଆପ୍ରୋଚ ରୋଡ୍ ନିର୍ମାଣ ହୋଇପାରିବ ତାହା ଉପରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ କହିଛନ୍ତି। ଶିଶୁଭବନ ପରିସରରେ ଡିପିଆର ଅନୁଯାୟୀ ଡ୍ରେନେଜ୍ ଏବଂ ବିଦ୍ୟୁତ୍ ଯୋଗାଣ ଲାଗି କେଏମ୍ସି ପକ୍ଷରୁ ୧ କୋଟି ୨୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଟିପିସିଓଡିଏଲ୍ ପକ୍ଷରୁ ଦୁଇ ମାସ ମଧ୍ୟରେ ଆବଶ୍ୟକ କାର୍ଯ୍ୟ ଶେଷ ହେବ ବୋଲି ଟିପିସିଓଡିଏଲର ରାଣୀହାଟ ଡିଭିଜନ୍ର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ମହାନ୍ତି ସୂଚନା ଦେଇଥିଲେ। ପେଟାନାଳର ସଫେଇକୁ ନେଇ ଶୁକ୍ରବାର ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ହାଇକୋର୍ଟରେ ଜବାବ ରଖାଯାଇଥିଲା। ଇତିମଧ୍ୟରେ ପେଟାନାଳରେ ସଫେଇ କାର୍ଯ୍ୟ ଶେଷ ହୋଇଛି। ଏ ସଂକ୍ରାନ୍ତ ଫଟୋକପି ମଧ ଅଦାଲତରେ ଦାଖଲ ହୋଇଥିଲା। ପେଟାନାଳରେ ଖୁବ୍ଶୀଘ୍ର ଗାର୍ଡୱାଲ୍ କାମ ଆରମ୍ଭ ହେବ ବୋଲି କୁହାଯାଇଥିଲା। ତେବେ ଏହି କାମ କେବେ ସୁଦ୍ଧା ଶେଷ ହେବ ତାହା ଜଣାଇବାକୁ ହାଇକୋର୍ଟ ସରକାରୀ ଆଇନଜୀବୀଙ୍କୁ ପରବର୍ତ୍ତୀ ଶୁଣାଣିରେ ଜଣାଇବାକୁ କହିଥିଲେ। ସେପ୍ଟେମ୍ବର ୨୪ରେ ପରବର୍ତ୍ତୀ ଶୁଣାଣି ହେବ। ବକ୍ସଡ୍ରେନ୍ ସଫେଇ ସଂକ୍ରାନ୍ତରେ କେଏମ୍ସି ପକ୍ଷରୁ ଦୁଇଟି ଏସ୍ଓପି ଅଦାଲତରେ ଦାଖଲ କରାଯାଇଥିଲା। ଗୋଟିଏ ପେଟାପୋଲ ନିକଟରୁ ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ୍ ସଫେଇ ପାଇଁ ଏକ ଏସ୍ଓପି କରାଯାଇଥିଲା ବେଳେ ବିଏସ୍ଡବ୍ଲୁସି ସଫେଇ ପାଇଁ ଆଉ ଏକ ଏସ୍ଓପି କରାଯାଇଛି।

# ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ପ୍ରସଙ୍ଗରେ ସିଇଓଙ୍କୁ ଭେଟିଲା ବିଜେଡ଼ି

ଭୁବନେଶ୍ୱର, ୨୮।୮:ନ୍ୟୁଜ୍ ବ୍ୟୁରୋ

ଭୋଟର ତାଲିକାରୁ ଯୋଗ୍ୟ ଓ ପ୍ରକୃତ ଭୋଟରଙ୍କ ନାମ ବାଦ୍ ପଡୁଥିବା ନେଇ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଖବରକୁ ନେଇ ବିଜୁ ଜନତା ଦଳ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଭୋଟରଙ୍କ ନାମ କେଉଁ କାରଣରୁ ଏବଂ କେଉଁ ପ୍ରକ୍ରିୟାରେ ବାଦ୍ ଦିଆଯାଇଛି, ସେ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦଳ ତରଫରୁ ବିସ୍ତୃତ ଭାବେ ଅବଗତ କରାଯାଇଛି। ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ ଦାଖଲ କରିଛି।

ଅଭିଯୋଗ ପତ୍ରରେ ବିଜେଡ଼ି କହିଛି ଯେ ଭୋଟର ତାଲିକାକୁ ନେଇ ଦାବି ଓ ଆପତ୍ତି ଅବଧି ଅଗଷ୍ଟ ୧୯ ତାରିଖରେ ଶେଷ ହୋଇଥିଲେ ମଧ ଶାସକ ବିଜେପି ଦଳର ବି.ଏଲ.ଏ.ମାନେ ଏଯାବତ ପୁଳାପୁଳା ଫର୍ମ-୭ ଦାଖଲ କରି ବୁଥ୍ ସ୍ତରରେ ଯୋଗ୍ୟ ଭୋଟରଙ୍କ ନାମ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ଭୋଟରଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀ ଯଥା ବାଲିକୁଦା-ଏରସମା, ମାହାଙ୍ଗା, ଧାମନଗର, ଭଦ୍ରକ, ମହାକାଳପଡ଼ା, ଝାରସୁଗୁଡ଼ା, ପାଟକୁରା, ଦିଗପହଣ୍ଡି ପ୍ରଭୃତି ନିର୍ବାଚନମଣ୍ଡଳୀରେ ବିଜେପି ବି.ଏଲ.ଏ.ମାନେ ଭୋଟର ତାଲିକାରୁ ରାଜନୈତିକ ଅଭିସନ୍ଧି ରଖି ଯୋଗ୍ୟ ଭୋଟରଙ୍କ ନାମ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ମାହାଙ୍ଗା ବ୍ଲକ ଅଧିନସ୍ଥ ଉଦ୍ରେଶ୍ୱର ପଞ୍ଚାୟତରେ ନୂତନ ଭାବେ ଗଠନ ହୋଇଥିବା ୨୨୧ ଓ ୨୨୨ ନମ୍ବର ବୁଥ୍ର ଭୋଟର ତାଲିକାରୁ ୧୨୧ ଜଣ ଯୋଗ୍ୟ ଭୋଟରଙ୍କ ନାମ ଏସଆଇଆର ତାଲିକାରୁ ବାଦ୍ ଦେବାପାଇଁ ସେହି ବୁଥ୍ର ବିଜେପି ବି.ଏଲ.ଏ. ସୁପାରିସ କରିଛନ୍ତି।

ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟରମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ତାଲିକାରୁ ବାଦ୍ ଦେବାପାଇଁ ବି.ଏଲ.ଏ.ଙ୍କ ସୁପାରିସ ବାବଦରେ ମାହଙ୍ଗା ବ୍ଲକ ବିଡିଓଙ୍କୁ ସାକ୍ଷାତ୍ କରି ଏହାର ତୁରନ୍ତ ସଂଶୋଧନ ପାଇଁ ଭୋଟରମାନେ ଦାବି କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯିବା ପରେ, ବିଜେପି ବି.ଏଲ.ଏ. ତଦନ୍ତ କରି ସେମାନଙ୍କୁ ପୁନର୍ବାର ଭୋଟର ତାଲିକାରେ ସ୍ଥାନ ଦେବା ପାଇଁ ବିଡିଓ ଙ୍କୁ ଲିଖିତ ଭାବେ ଜଣାଇଥିବା ବାବଦରେ ପ୍ରତିନିଧିମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ। ରାଜ୍ୟବ୍ୟାପୀ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଆସିଥିବା ସମସ୍ତ ଅଭିଯୋଗର ତଦନ୍ତ କରି କୌଣସି ଯୋଗ୍ୟ ଭୋଟର ଯେପରି ଏସଆଇଆର ତାଲିକାରୁ ବାଦ୍ ନପଡ଼ିବେ ସେଥିପାଇଁ ସାନି ନିର୍ଦ୍ଦେଶ ଜାରି କରିବା ପାଇଁ ବିଜେଡ଼ି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଧାୟକ ସାରଦା ପ୍ରସନ୍ନ ଜେନା, ସାଧାରଣ ସମ୍ପାଦକ ବିଜୟ ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେଲିନ ମହାନ୍ତି, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ଜ୍ୟୋସ୍ନାମୟୀ ପରିଡ଼ା, ମାନସୀ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।


## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୮/୦୮/୨୦୨୬
୪,୨୧,୩୬୨/- ଟଙ୍କା
ସୁନା:- ୦୪ ଗ୍ରାମ୍ ୦୫୦ମିଲିଗ୍ରାମ
ରୂପା:-୨୬୭ ଗ୍ରାମ୍ ୫୦୦ମିଲିଗ୍ରାମ୍

# ଚାଇନାର 'ମେଡୋଗ ଡ୍ୟାମ୍' ଭାରତ ପାଇଁ 'ୱାଟର ବମ୍'

ନୂଆଦିଲ୍ଲୀ, ୨୮।୮

ତିବ୍ବତରେ ପ୍ରବଳ ଭୂସ୍ଖଳନ ଓ ଗ୍ଲେସିଅର୍ ଫାଟିବା ଯୋଗୁ ନେପାଳରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ହଜାରେରୁ ଅଧିକ ନିଖୋଜ ହେବା ଘଟଣା ସାରା ବିଶ୍ୱକୁ ଚକିତ କରିଛି। ଏହି ବିପର୍ଯ୍ୟୟ ପରେ ଭାରତର ଅରୁଣାଚଳ ପ୍ରଦେଶ ନିକଟରେ ଚାଇନା ନିର୍ମାଣ କରୁଥିବା ୬୦,୦୦୦ ମେଗାୱାଟ କ୍ଷମତାସମ୍ପନ୍ନ ବିଶାଳ 'ମେଡୋଗ ଜଳବିଦ୍ୟୁତ୍ ପ୍ରକଳ୍ପ'କୁ ନେଇ ବଡ଼ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଅତ୍ୟନ୍ତ ଭୂକମ୍ପପ୍ରବଣ ହିମାଳୟ ଅଞ୍ଚଳରେ ଚାଇନା ନିର୍ମାଣ କରୁଥିବା ଏହି ଡ୍ୟାମ୍କୁ ବିଶେଷଜ୍ଞମାନେ ଏକ 'ଟାଇମ ବମ୍' କିମ୍ବା 'ୱାଟର ବମ୍' ବୋଲି ଆଖ୍ୟା ଦେଇଛନ୍ତି। ତିବ୍ବତର ୟାରଲୁଙ୍ଗ



ଜାଙ୍ଗବୋ (ଯାହା ଭାରତରେ ବ୍ରହ୍ମପୁତ୍ର ନାମରେ ପରିଚିତ) ନଦୀରେ ପ୍ରାୟ ୧୬୭ ବିଲିୟନ ଡଲାର ବ୍ୟୟରେ କରାଯାଉଥିବା ଏହି ମେଗା ଡ୍ୟାମ୍ ଚାଇନାର ପ୍ରସିଦ୍ଧ 'ଥ୍ରୀ ଗୋର୍ଜେସ ଡ୍ୟାମ୍'ଠାରୁ ତିନିଗୁଣ ଅଧିକ ବିଦ୍ୟୁତ୍ ଉତ୍ପାଦନ କରିବ। ଗତ ଜୁଲାଇରେ ଚାଇନା ସରକାରୀ ଭୂବିଜ୍ଞାନୀମାନଙ୍କ ଏକ ରିପୋର୍ଟରୁ ପ୍ରକାଶ ପାଇଥିଲା ଯେ ଏହି ନିର୍ମାଣାଧୀନ ଡ୍ୟାମ୍ଟି ସକ୍ରିୟ 'ପାଇଝେନ ଫଲ୍ଟ ଲାଇନ୍' ଉପରେ ଅବସ୍ଥିତ। ଏହି ଅଞ୍ଚଳର ପରିବେଶ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଏଠାରେ ସାମାନ୍ୟ ଭୂକମ୍ପ କିମ୍ବା ହିମସ୍ଖଳନ ଘଟିଲେ ଡ୍ୟାମ୍ ଭାଙ୍ଗି ଭାରତର ଉତ୍ତର-ପୂର୍ବାଞ୍ଚଳ (ବିଶେଷ କରି ଅରୁଣାଚଳ ପ୍ରଦେଶ ଓ ଆସାମ) ସମେତ ସମଗ୍ର ବାଂଲାଦେଶ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ପ୍ରଳୟ ସୃଷ୍ଟି ହେବା ଭୟ ରହିଛି। କୋଲକାତା ଓ ଦିଲ୍ଲୀର ଭୂବିଜ୍ଞାନୀ ତଥା ପ୍ରତିରକ୍ଷା ବିଶେଷଜ୍ଞ ବ୍ରହ୍ମା ଚେଲାନି ଏବଂ ପ୍ରାକ୍ତନ କୂଟନୀତିଜ୍ଞ ରାଜୀବ ଡୋଗ୍ରା ସୋସିଆଲ ମିଡିଆରେ ଚେତାବନୀ ଦେଇଛନ୍ତି, ନେପାଳରେ ଘଟିଥିବା ପ୍ରକୃତିର ପ୍ରକୋପ ହେଉଛି ଏକ ବଡ଼ ସଙ୍କଟର ସୂଚନା। ଚାଇନା ନିଜର ଆଧିପତ୍ୟ ପାଇଁ ହିମାଳୟର ସମ୍ବେଦନଶୀଳ ପରିବେଶକୁ ବାଜି ଲଗାଇ ଏହି 'ୱାଟର ବମ୍' ପ୍ରସ୍ତୁତ କରୁଛି, ଯାହା ତଳିଆ ଦେଶଗୁଡ଼ିକ ପାଇଁ ସାଂଘାତିକ ପ୍ରମାଣିତ ହେବ। ଅନ୍ୟପଟେ ନେପାଳରେ ବନ୍ୟା ଆସିବା ପୂର୍ବରୁ ଚାଇନା ସରକାର ନେପାଳକୁ କୌଣସି ଅଗ୍ରୀମ ସୂଚନା ନ ଦେବା ଘଟଣାକୁ ନେଇ କାଠମାଣ୍ଡୁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଥମୁନି ବିବାଦ : ସମୂହ ଛୁଟିରେ ରେଭେନ୍ସା ଅଧ୍ୟାପକ

କଟକ, ୨୮।୮

ନ୍ୟୁଜ୍ ବ୍ୟୁରୋ

ଥମୁନି ରେଭେନ୍ସା ବିଶ୍ୱବିଦ୍ୟାଳୟ ବିବାଦ। ସମୂହ ଛୁଟିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଓ ଅଧ୍ୟାପିକା। ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା) ପକ୍ଷରୁ ସମୂହ ପ୍ରତିବାଦ କରାଯାଉଛି। କୁଳପତିଙ୍କ ଅଫିସ୍ ଆଗରେ କଳା ବ୍ୟାଜ୍ ପିନ୍ଧି ଧାରଣା ସହ ବିକ୍ଷୋଭ କରୁଛନ୍ତି ଅଧ୍ୟାପକ ଓ ଅଧ୍ୟାପିକା। ରାଜନୈତିକ ଚାପରୁ ରେଭେନ୍ସା କ୍ୟାମ୍ପସ୍କୁ ଦୂରେଇ ରଖିବା ଏବଂ ରେଭେନ୍ସା କ୍ୟାମ୍ପସ୍ରେ ସମ୍ମାନର ସହ କାର୍ଯ୍ୟ କରିବାକୁ ସୁଯୋଗ ଦାବି ହୋଇଛି। ରେଭେନ୍ସା କର୍ତ୍ତୃପକ୍ଷ ଦାବିକୁ ଅଣଦେଖା କରି ନୀରବ ରହୁଥିବା ଅଭିଯୋଗ କରିଛନ୍ତି ଶିକ୍ଷକ ସଂଘ।

# ଏସସିବିରେ ୧.୪୦ କୋଟି ହେରଫେର ଅଭିଯୋଗ : ଡାଟା ଏଣ୍ଟ୍ରି ଅପରେଟର ଗିରଫ

କଟକ, ୨୮।୮:ନ୍ୟୁଜ୍ ବ୍ୟୁରୋ


କଟକ ସ୍ଥିତ ଏସସିବି ମେଡିକାଲ କଲେଜରେ ଆର୍ଥିକ ହେରଫେର ଅଭିଯୋଗରେ ଡାଟା ଏଣ୍ଟ୍ରି ଅପରେଟର ଦିନେଶ ରାଉତ ଗିରଫ ହୋଇଛନ୍ତି। ୧ କୋଟି ୪୦ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ମାମଲାରେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଗିରଫ କରିଛି ମଙ୍ଗଳାବାଗ ଥାନା ପୋଲିସ। ଏସସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରଙ୍କ ବିରୋଧରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ମେଡିକାଲ କଲେଜର କର୍ମଚାରୀମାନଙ୍କ ଦରମା ସମ୍ପର୍କିତ ତଥ୍ୟ ଓ କାର୍ଯ୍ୟ ଡାଟା ଏଣ୍ଟ୍ରି ଅପରେଟରଙ୍କ ଜରିଆରେ ପରିଚାଳିତ ହେଉଥିଲା। ଅଡିଟ୍ ରିପୋର୍ଟରେ ଦରମା ସମ୍ପର୍କିତ ତଥ୍ୟରେ ହେରଫେର କରାଯାଇଥିବା ଏବଂ ଏହା ମାଧ୍ୟମରେ ବଡ଼ ଧରଣର ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ଏହା ପରେ ଏସ୍ସିବି ଅଧୀକ୍ଷକଙ୍କ ପକ୍ଷରୁ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଗିରଫ କରିଛି।

# ନେପାଳ ବନ୍ୟା : ଶବ ରଖିବାକୁ ଜାଗା ନାହିଁ, ଚିନ୍ତାରେ ସରକାର

କାଠମାଣ୍ଡୁ, ୨୮।୮

ଗୋଟିଏ ନୁହଁକି ଦୁଇଟି ନୁହଁ। ଏକାଥରେ ପାଖାପାଖି ୫୦୦ ଶବ! କେଉଁଠି ରଖାଯିବ ଏତେ ସଂଖ୍ୟାରେ ଶବଙ୍କୁ! କେଉଁଠି ଶବ ଚିହ୍ନଟ ହୋଇପାରିନି ତ କେଉଁଠି ଶବ ଚିହ୍ନଟ ପରେ ବି ପୋଷ୍ଟମର୍ଟମ ହୋଇପାରିନି। ଏପରି ସ୍ଥଳେ ଶବଗୁଡ଼ିକୁ ମର୍ଗ ବା ଶବ ସଂରକ୍ଷଣ ଗୃହରେ ରଖାଯିବା କଥା। କିନ୍ତୁ ନେପାଳର ଯେଉଁସ୍ଥାନରେ ଏତେ ସଂଖ୍ୟାରେ ମୃତଦେହ ମିଳିଛନ୍ତି, ସେଠି ଶବ ସଂରକ୍ଷଣ ଗୃହର ଘୋର ଅଭାବ ଦେଖାଦେଇଛି। ଶବ କେଉଁଠି ସଂରକ୍ଷିତ କରି ରଖିବେ, ସେ ନେଇ ଚିନ୍ତାରେ ପଡିଯାଇଛନ୍ତି ନେପାଳ ସରକାର।

ଗତ ବୁଧବାର ନେପାଳ-ତିବ୍ବତ ସୀମରେ ହଠାତ୍ ପ୍ରଳୟଙ୍କରୀ ବନ୍ୟା ଆସିବା ଯୋଗୁ ହଜାର ହଜାର ଲୋକ ନିଖୋଜ ହୋଇଯାଇଛନ୍ତି। ସରକାରୀ ଭାବେ ୪୭୫ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି। ଅର୍ଥାତ ଏତିକି ସଂଖ୍ୟକ ଶବ ଏଯାବତ୍ ଠାବ ହୋଇପାରିଛି। ଏଥିମଧ୍ୟରେ ଅଧିକାଂଶ ହେଉଛନ୍ତି ବିଦେଶୀ ନାଗରିକ। ସେମାନଙ୍କ ଶବକୁ



ଚିହ୍ନଟ ପରେ ସ୍ୱଦେଶ ପଠାଯିବା କଥା। ସେତେଦିନ ଯାଏ ଶବକୁ ସଂରକ୍ଷଣ ଗୃହରେ ଠିକ୍ ଭାବେ ନ ରଖିଲେ, ସେଗୁଡ଼ିକ ନଷ୍ଟ ହୋଇଯିବ। ସ୍ଥାନୀୟ ଅଞ୍ଚଳରେ, ବିଶେଷ କରି ଅଘଟଣ ଘଟିଥିବା ନୂଆକୋଟ, ଧାଡିଂ ଏବଂ ନୱାଲପରାସି ଅଞ୍ଚଳରେ ଏତେ ସଂଖ୍ୟକ ମର୍ଗ ନାହିଁ। ପଡ଼ୋଶୀ ପୋଖରା ଜିଲ୍ଲାରେ ଥିବା ମର୍ଗଗୁଡ଼ିକୁ ମଧ ଏହା ଭିତରେ ବ୍ୟବହାର କରାଯାଇ ସାରିଲାଣି। ଚିତାୱାନ ନାମକ ସ୍ଥାନରେ ସରକାରଙ୍କ ପାଖରୁ ଏକ ଅସ୍ଥାୟୀ ମର୍ଗ କରାଯାଇ ସେଠାରେ ଶବଗୁଡ଼ିକୁ ରଖାଯିବାର ବ୍ୟବସ୍ଥା କରାଯାଉଛି। ଏହି ଅସ୍ଥାୟୀ ଶବ ସଂରକ୍ଷଣ ଗୃହରେ ଅତିବେଶିରେ ୨୫୦ ଶବ ରଖାଯିବାର କ୍ଷମତା ରହିଛି। ଯଦି ଏହି ସଂଖ୍ୟା ଅହୁରି ବଢ଼ିଯାଏ, ତେବେ ସ୍ଥାନୀୟ ଦେବଘାଟ ବୈଦ୍ୟୁତିକ ମଶାଣୀରେ ବାଧହୋଇ କିଛି ଶବ ସତ୍କାର କରିବାକୁ ସରକାର ଚିନ୍ତା କରୁଛନ୍ତି। ପୋଖରା ଏକାଡେମୀ ଅଫ ହେଲ୍ଥ ସାଇନ୍ସର ଇନଫରମେସନ ଅଫିସର ସୁଶୀଲ ଆର୍ଯ୍ୟ କହନ୍ତି, 'ଶବଗୁଡ଼ିକୁ ଏବେ ୨ରୁ ୬ ଡିଗ୍ରୀ ସେଲସିୟସ ତାପମାତ୍ରାରେ ସଂରକ୍ଷିତ ରଖାଯାଇଛି। ଅତିବେଶିରେ ଏହା ୨ ସପ୍ତାହ ପର୍ଯ୍ୟନ୍ତ ଠିକ୍ ଭାବେ ରହିପାରିବ। ତା'ଠୁ ଅଧିକ ଦିନ ରଖିବାକୁ ହେଲେ ସେମିତି ଶବ ସଂରକ୍ଷଣ ଗୃହର ଆବଶ୍ୟକତା ରହିଛି ଯାହା ଆମ ପାଖରେ ନାହିଁ।' ଏହାର ଅର୍ଥ ଯେଉଁ ଶବଗୁଡିକ ୨ ସପ୍ତାହ ମଧ୍ୟରେ ଚିହ୍ନଟ ହୋଇ ନ ପାରିବ, ତାକୁ ସେଇଠି ହିଁ ସତ୍କାର କରିଦିଆଯିବ। ଯେଉଁ ଶବଗୁଡ଼ିକ ଚିହ୍ନଟ ହୋଇ ନ ପାରିବ, ସରକାର ବାଧ ହୋଇ ସେଇଠି ତାଙ୍କର ଅନ୍ତିମ ସତ୍କାର କରାଇବେ। ତେବେ ସତ୍କାର ପୂର୍ବରୁ ଶବର ସଂପୂର୍ଣ୍ଣ ବିବରଣୀ ରଖାଯିବାର ବ୍ୟବସ୍ଥା କରାଯାଉଛି। ପ୍ରତିଟି ମୃତବ୍ୟକ୍ତିଙ୍କ ଫଟୋ, ତାଙ୍କ ଫିଙ୍ଗରପ୍ରିଣ୍ଟ ଇତ୍ୟାଦି ରଖାଯିବା ସହ ଡିଏନଏ ସାମ୍ପଲ ସଂଗ୍ରହ କରାଯାଇ ଲ୍ୟାବ୍କୁ ପଠାଯିବାର ବ୍ୟବସ୍ଥା କରାଯାଉଛି। ଏସବୁକୁ ଏକାଠି କରି ଗୋଟିଏ ଯାଗାରେ ରଖାଯିବ। ଏହାର ଏକ ଟ୍ୟାଗ୍ ନମ୍ବର ବାହାରିବ। ପରବର୍ତ୍ତୀ ସମୟରେ ମୃତବ୍ୟକ୍ତିମାନଙ୍କ ସଂପର୍କୀୟଙ୍କୁ ଏହା ପ୍ରଦାନ କରାଯିବ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com